KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No. BGR-02/2018-20
ବର୍ଷ - ୨୦ ■ ସଂଖ୍ୟା - ୩୬
Volum.-20 ■ Issue No.- 36
Sunday ■ Balangir
ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୨୭ ଜୁଲାଇ - ୦୧ ଅଗଷ୍ଟ ୨୦୨୦ ● 26 July - 01 Aug. 2020 ● Odia Weekly ● 8 Pages, Rs.2/- only

## ସାଂଘାଇ ସହଯୋଗ ପ୍ରତିଷ୍ଠାନର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ଡିଜିଟାଲ ବୈଠକରେ

## ଡଃ ହର୍ଷବର୍ଦ୍ଧନ ଉପସ୍ଥାପନ କଲେ ଭାରତର କୋଭିଡ ନିୟନ୍ତ୍ରଣ ରଣନୀତି ସଂପର୍କରେ ତଥ୍ୟ



ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ହର୍ଷବର୍ଦ୍ଧନ ୨୪ ତାରିଖ ଦିନ ନୂଆଦିଲ୍ଲୀର ନିର୍ମାଣ ଭବନଠାରେ ଆୟୋଜିତ ଏକ ଡିଜିଟାଲ କାର୍ଯ୍ୟକ୍ରମରେ ସାଂଘାଇ ସହଯୋଗ ପ୍ରତିଷ୍ଠାନ (ଏସ୍‌ସିଓ)ର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ବୈଠକରେ ଭାଗ ନେଇଥିବା ବେଳେ ଏଥିରେ ରୁଷିଆର ସ୍ୱାସ୍ଥ୍ୟମନ୍ତ୍ରୀ ମିଖାଇଲ ମୁରାସ୍କୋଭ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ବର୍ତ୍ତମାନର କରୋନା ମହାମାରୀ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା ।

ପ୍ରାରମ୍ଭରେ ଡଃ ହର୍ଷବର୍ଦ୍ଧନ ସମଗ୍ର ବିଶ୍ୱରେ କୋଭିଡ଼ରେ ପ୍ରାଣ ହରାଇଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ଜଣାଇଥିଲେ । ଏହି ଅବସରରେ ସେ ଏହି ମହାମାରୀକୁ ରୋକିବା ପାଇଁ ଭାରତ ଗ୍ରହଣ କରିଥିବା ରାଜନୈତିକ ଅଙ୍ଗୀକାର ସଂପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି କରୋନା ସ୍ଥିତିକୁ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରିଛନ୍ତି ଏବଂ ଏହାର ମୁକାବିଲା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶରେ ଏହି ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ।

ଭାରତର କରୋନା ମୁକାବିଲା ପଦକ୍ଷେପ ସଂପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ଏଥିପାଇଁ ବହୁବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭ୍ରମଣ ନିର୍ଦ୍ଦେଶାବଳୀ ଜାରି, ଦେଶରେ ପ୍ରବେଶ ଉପରେ ନଜର ରଖିବା, ଗୋଷ୍ଠୀ ଭିତ୍ତିକ ତଦାରଖ, ପରୀକ୍ଷାଗାରର ସଂଖ୍ୟାବୃଦ୍ଧି, ଅଧିକ ହସ୍‌ପିଟାଲ୍ ନିର୍ମାଣ ସହ ବିଭିନ୍ନ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ବୃଦ୍ଧି, ବୈଷୟିକ ନିର୍ଦ୍ଦେଶାବଳୀର ବ୍ୟାପକ ପ୍ରଚାର ଓ ପ୍ରସାର, ରୋଗ ପରିଚାଳନା ସଂପର୍କରେ ଲୋକଙ୍କୁ ପରାମର୍ଶ ଆଦି ସେଥିମଧ୍ୟରୁ ଅନ୍ୟତମ । ନିରନ୍ତର ଲକ୍‌ଡାଉନ୍ ଲାଗୁ କରାଯିବା ପରେ ସରକାର ଭାରତରେ ବୈଷୟିକ ଭିତିଭୂମି ନିର୍ମାଣ ପାଇଁ ସମୟ ପାଇଲେ । ଏହି ସମୟ ମଧ୍ୟରେ ଆବଶ୍ୟକ ଡାକ୍ତରଖାନା, ପରୀକ୍ଷାଗାର, ଚିକିତ୍ସକ ଏବଂ ଚିକିତ୍ସା କର୍ମଚାରୀଙ୍କ ବନ୍ଦୋବସ୍ତ ପାଇଁ ଯଥେଷ୍ଟ ସମୟ ମିଳିଲା ।

ଦେଶରେ କରୋନା ପରୀକ୍ଷଣ ଦକ୍ଷତା ବୃଦ୍ଧି ଏବଂ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ଫଳରେ ବ୍ୟାଧିକୁ ନିୟମନ୍ତ୍ରଣରେ ରଖାଯାଇ ପାରିଛି । ରୋଗ ବ୍ୟାପିବା ପୂର୍ବରୁ ଭାରତରେ ପିପିଇ ତିଆରି କରିବାକୁ ଗୋଟିଏ ହେଲେ ଉଦ୍ୟୋଗ ନଥିଲା । ଏ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରି ଭାରତ ଅଳ୍ପ କେଇ ମାସରେ ଆତ୍ମନିର୍ଭଶୀଳ ହୋଇଛି ଏବଂ ବିଦେଶକୁ ପିପିଇ ରପ୍ତାନୀ କରିପାରୁଛି । ସେହିଭଳି ଭେଣ୍ଟିଲେଟର ଓ ମେଡ଼ିକାଲ ଅକ୍ସିଜେନ କ୍ଷେତ୍ରରେ ଯେଉଁ ଅଭାବ ଥିଲା ତାହାକୁ ମଧ୍ୟ ପୂରଣ କରାଯାଇଛି । କୋଭିଡ ନିୟନ୍ତ୍ରଣ ପାଇଁ ଯାହାସବୁ ଦରକାର ପଡୁଥିଲା ଏବେ ସେ ସବୁ କ୍ଷେତ୍ରରେ ଭାରତ ଦେଶୀ ଜ୍ଞାନକୌଶଳ ଉପଯୋଗ କରି ଆତ୍ମନିର୍ଭରଶୀଳ ହୋଇପାରିଛି ।

ଡଃ ହର୍ଷବର୍ଦ୍ଧନ କହିଛନ୍ତି ଯେ, କୋଭିଡ ମୁକାବିଲାରେ ସୂଚନା ପ୍ରଯୁକ୍ତିର ଉପଯୋଗ କରାଯାଇ ଏହାର ପରିଚାଳନାକୁ ସହଜ କରାଯାଇ ପାରିଛି । ପ୍ରତ୍ୟେକ କ୍ଷେତ୍ରରେ ଟେକ୍‌ନୋଲଜି ବିଶେଷ ସହାୟକ ହୋଇଛି । ଆରୋଗ୍ୟ ସେତୁ ଆପ୍ ଏବଂ ସେଲୁଲାର୍ ଭିତ୍ତିକ ଟ୍ରାକିଂ ଟେକ୍‌ନୋଲଜି 'ଇତିହାସ' ରୋଗୀଙ୍କୁ ଠାବ ଓ ଚିହ୍ନଟ କରିବାରେ ବିଶେଷ ଉପଯୋଗ ହୋଇପାରିଛି । ଯେଉଁସବୁ ଅଂଚଳରେ ସନ୍ଦିଗ୍ଧ ରୋଗୀ ଅଛନ୍ତି, ଏହି ବ୍ୟବସ୍ଥାରେ ସେମାନେ ଧରାପଡ଼ି ଯାଉଛନ୍ତି । ସ୍ୱାବ୍ ପରୀକ୍ଷାରେ ଆର୍‌ଟି-ପିସିଆର୍ ଆପ୍ ବ୍ୟବହାର କରାଯାଉଛି । ଏହାଛଡ଼ା ଫାସିଲିଟି ଆପ୍ ବ୍ୟବସ୍ଥାରେ ହସ୍‌ପିଟାଲ୍‌ରେ ଉପଲବ୍ଧ ଶଯ୍ୟା, ଭର୍ତ୍ତି ହୋଇଥିବା ରୋଗୀ ଏବଂ ଆରୋଗ୍ୟ ହେଉଥିବା ରୋଗୀଙ୍କ ସଂଖ୍ୟା ସଂପର୍କରେ ତଥ୍ୟ ପରିଚାଳନା କରାଯାଉଛି । ଏସବୁ ବ୍ୟବସ୍ଥା ଗୋଟିଏ କୋଭିଡ଼ ପୋର୍ଟାଲ ସହ ସଂଯୁକ୍ତ ହୋଇଛି ।

ଡଃ ହର୍ଷବର୍ଦ୍ଧନ ଏହି ଅବସରରେ ଭାରତର ପାରମ୍ପାରିକ ଔଷଧ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଥିଲେ ଯେ, କୋଭିଡ଼ ସଂକ୍ରମଣ କାଳରେ ସାଧାରଣ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ପାରମ୍ପରିକ ଭାରତୀୟ ଔଷଧ ବିଶେଷ ସହାୟକ ହୋଇଛି । ଏସ୍‌ସିଓ ବ୍ୟବସ୍ଥାରେ ପାରମ୍ପରିକ ଔଷଧ ଓ ଚିକିତ୍ସା ବ୍ୟବସ୍ଥା ସଂପର୍କରେ ଆଲୋଚନା କରିବା ପାଇଁ କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ନାହିଁ । ତେଣୁ ପାରମ୍ପରିକ ଔଷଧର ଉପଯୋଗିତା ଓ ଦକ୍ଷତା ସଂପର୍କରେ ଏକ ରଣନୀତି ପ୍ରସ୍ତୁତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯେଉଁ ସମୟ

(ସପ୍ତମ ପୃଷ୍ଠା ଦେଖନ୍ତୁ)

**ଏହି ସଂଗଠନ ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଲକ୍ଷ୍ୟ ପୂରଣ ପାଇଁ ପାରମ୍ପରିକ ଔଷଧପତ୍ର ସଂପର୍କରେ ଅନୁଧ୍ୟାନ କରିବା ନିମନ୍ତେ ଏକ ଉପଗୋଷ୍ଠୀ ଗଠନ ପାଇଁ ଭାରତର ପ୍ରସ୍ତାବ**

## ଆଜି ବଲାଙ୍ଗିର ଜିଲ୍ଲାରୁ ୧୯ ପୋଜେଟିଭ୍ ଚିହ୍ନଟ : ସହରରେ ଏକା ଥରକୁ ୧୧



ବଲାଙ୍ଗିର, (ନିପ୍ର) : ଆଜି ସରକାରୀ ରିପୋର୍ଟ ଅନୁସାରେ ଜିଲ୍ଲାରୁ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେତହି ମଧ୍ୟରୁ ଲୋଇସିଂହା, ପାଟଣାଗଡ, ତୁରେକେଲା, ଖପ୍ରାଖୋଲରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ବଙ୍ଗୋମୁଣ୍ଡାରୁ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ଜୋର୍‌ସୋର୍‌ରେ ଚାଲିଛି ଜବର୍‌ଦଖଲ୍ ଉଚ୍ଛେଦ କାର୍ଯ୍ୟକ୍ରମ

## କରୋନା ସଂକ୍ରମଣର ତାଣ୍ଡବ ବେଳେ ପ୍ରଶାସନର ଧ୍ୱଂସଲୀଳା ?



ବଲାଙ୍ଗିର, (ନିପ୍ର) : ପ୍ରସ୍ତାବିତ ରାସ୍ତା ଓ ନାଳ ନର୍ଦ୍ଦମା ତିଆରି ଉଦ୍ଦେଶ୍ୟରେ ବଲାଙ୍ଗିରରେ ହଠାତ୍ ଜବର୍‌ଦଖଲ୍ ଉଚ୍ଛେଦ ଆରମ୍ଭ ହୋଇଛି । ପ୍ରଥମେ କଚେରୀ ଛକ ଫଳ ମାର୍କେଟ୍, ହସପିଟାଲ ରୋଡ ପରେ ଟିକ୍ରାପଡା ଓ ତା'ପରେ ସ୍ଥାନୀୟ ଚିଲ୍‌ଡ୍ରେନ୍ ପାର୍କ ଠାରୁ ପ୍ରତାପସାଗରପଡ଼ା, ବରପାଲିପଡ଼ା, ତାଲପାଲିପଡ଼ା ଓ ଗାନ୍ଧୀନଗରପଡ଼ାରେ ଜବର୍‌ଦଖଲ୍ ଉଚ୍ଛେଦ କରାଯାଇଛି । ଠିକ୍ କରୋନା ସମୟକୁ ବର୍ଷା ମାସରେ ପ୍ରଶାସନର ଏଭଳି ପଦକ୍ଷେପକୁ ଅଂଚଳବାସୀ ଗ୍ରହଣ କରି ପାରୁନଥିବା ବେଳେ କରୋନା ତାଣ୍ଡବ ବେଳେ ପ୍ରଶାସନର ଧ୍ୱଂସଲୀଳା ଚାଲିଛି ବୋଲି ସାଧାରଣରେ ନିନ୍ଦା କରୁଥିବା ଶୁଣିବାକୁ ମିଳୁଛି ।

ସାରା ରାଜ୍ୟରେ ସରକାର ଲୋକଙ୍କ ଧନ ଜୀବନ ବଂଚାଇବାରେ ପ୍ରାଣପଣେ ଉଦ୍ୟମ ଚଳାଇଥିବା ଡିଣ୍ଡିମ ପିଟୁଛନ୍ତି । ଦିନକୁ ଦିନ ନୂତନ ଘୋଷଣା ସବୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଛି । ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଭଡାରେ ରହୁଥିବା ବ୍ୟକ୍ତିଙ୍କ ପ୍ରତି ସହୃଦୟତା ରକ୍ଷା କରିବା ସହ ତାଙ୍କୁ ଆବଶ୍ୟକ ସ୍ଥଳେ ଭଡା ମାଫ୍ କରି ଘରୁ ବାହାର ନ କରିବା ପାଇଁ ତାଗିଦ୍ କରିଛନ୍ତି । କିନ୍ତୁ ବଲାଙ୍ଗିର ପ୍ରଶାସନକୁ କରୋନା ଓ ଜନତା ଉପରେ ଏହାର ପ୍ରଭାବ ପ୍ରତି ସାମନ୍ୟ ଖିଆଲ ନଥିବା ଲୋକେ ଆଲୋଚନା କରୁଛନ୍ତି । ଲୋକେ କରୋନା ପ୍ରଭାବରେ ନିଜର ସର୍ବସ୍ୱ ହରାଇ ସର୍ବଶ୍ୱାନ୍ତ ହୋଇ ପଡିଥିବା ବେଳେ ବଲାଙ୍ଗିର ପ୍ରଶାସନ ଲୋକଙ୍କ ଧନ ଜୀବନ ବଂଚାଇବା ପରିବର୍ତ୍ତେ କରୁଛି ଜବର୍‌ଦଖଲ୍ ଉଚ୍ଛେଦ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଏଭଳି ସମୟରେ ବଲାଙ୍ଗିର ସହରରେ ଏହି କାର୍ଯ୍ୟକ୍ରମ କେଉଁ ଉଦ୍ଦେଶ୍ୟରେ ଓ କାହାର ସ୍ୱାର୍ଥରେ ବୋଲି ଲୋକେ ପ୍ରଶ୍ନ କରିବା ସହ କରୋନା ତାଣ୍ଡବ ବେଳେ ପ୍ରସାସନର ଧ୍ୱଂସଲୀଳା କେତେଦୂର ଯୁକ୍ତିଯୁକ୍ତ ବୋଲି କହୁଛନ୍ତି । ଲୋକେ ଏହା ମଧ୍ୟ ଆଲୋଚନା କରୁଛନ୍ତି ଯେ, କରୋନା ମୁକାବିଲା ଓ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ପ୍ରଶାସନ ସହରରେ ଧ୍ୱଂସଲୀଳା ଆରମ୍ଭ କରିଛି । ବାରମ୍ବାର ଅଂଚଳବାସୀଙ୍କ ଦାବୀ ସତ୍ତ୍ୱେ ସହରକୁ ସେନିଟାଇଜ୍ କରି ନଥିବା ବାଲାଙ୍ଗିର ମ୍ୟୁନିସିପାଲିଟି ଠିକ୍ ବର୍ଷା ମାସରେ ବାହାରିଛି ଜବରଦଖଲ ଉଚ୍ଛେଦରେ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଜବର୍‌ଦଖଲ୍ ଉଚ୍ଛେଦ ପାଇଁ ଚିହ୍ନ ଥିବା ସତ୍ତ୍ୱେ ବଡ଼ବଡ଼ିଆ ଓ ସଂପର୍କୀୟଙ୍କ ଘରକୁ ଛାଡି ଦିଆଯିବା, ପ୍ରଶାସନର ଭେଦଭାବ ନୀତିକୁ ସ୍ପଷ୍ଟ କରୁଛି ବୋଲି ଅଂଚଳବାସୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ବର୍ଷା ପୂର୍ବରୁ ଜବର୍ ଦଖଲ୍ ଉଚ୍ଛେଦ କରା ନଗଲେ ବର୍ଷାରେ ଲୋକେ ଆହୁରି କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଥିବା ଯୋଗୁଁ ପୂର୍ବ ପ୍ରସ୍ତାବିତ ଏହି ଜବର୍‌ଦଖଲ୍ ଉଚ୍ଛେଦ କେବଳ ଡ୍ରେନ୍‌କୁ ପ୍ରଭାବିତ କରୁଥିବା ଅଂଚଳରେ ଜବର୍‌ଦଖଲ୍ ଉଚ୍ଛେଦ କରାଯାଉଥିବା ବେଳେ ଯେମିତି ଲୋକଙ୍କ ନ୍ୟୁନତମ କ୍ଷତି ହେବ ତାହାର ବିଶେଷ ଧ୍ୟାନ ରଖାଯାଇଛି ବୋଲି ବଲାଙ୍ଗିର ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହି ଅଧିକାରୀ ବିପିନ ଦୀପ କହିଛନ୍ତି ।





### ଆନଂଦ



ଅନ୍‌ଲାଇନ୍ ପାଠ
ଅନ୍‌ଲାଇନ୍ ହାଟ
ଅନ୍‌ଲାଇନ୍ ଯାନି ଯାତରା
କରୋନା କାଳରେ
ସବୁ ଅନ୍‌ଲାଇନ୍
ସୋସିଆଲ୍ ଭେଟ ଖତରା ।
ଜୀବନ ଜୀବିକା ଧତଡ଼ା...
ମାଳ ମାଳ ନିତି
ରୋଗୀ ବଢ଼ିଲେଣି
ଗରିବ ଖାଉଛି କଚଡ଼ା ।।

## ସଂପାଦକୀୟ

# କରୋନା କାଳ

କରୋନା କାଳରେ ଅନେକ ଭାବ ଅଭାବକୁ ନେଇ ଗତି କରୁଛି ମଣିଷ ସମାଜ । ସରକାରଙ୍କ ପକ୍ଷରୁ ଯେତେ ଆଶ୍ୱାସନା ଦିଆଯାଉଥିଲେ ମଧ୍ୟ ମଣିଷ ସମାଜ ଭୋଗୁଛି ଏକ ଅଜବ୍ ଯନ୍ତ୍ରଣା, ଏହାକୁ କେହି ଅସ୍ୱୀକାର କରି ପାରିବେନି । ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଛି । ଆନୁପାତିକ ଭାବେ କମ୍ ହେଲେ ମଧ୍ୟ ମୃତ୍ୟୁ ସଂଖ୍ୟା ବି ବଢ଼ିବାରେ ଲାଗିଛି । ମହାମାରୀର ରୂପ ନେବାକୁ ବସିଲାଣି କରୋନା । ଏବେ ସାରା ବିଶ୍ୱରେ ସଂକ୍ରମଣ କ୍ଷେତ୍ରରେ ଆମ ଦେଶ ଭାରତର ସ୍ଥାନ ତୃତୀୟ ରହିଛି । ମେ' ମାସରେ ଆମ ଦେଶ ସଂକ୍ରମଣରେ ଦଶମ ସ୍ଥାନରେ ରହିଥିବା ବେଳେ ବର୍ତ୍ତମାନ ତାହା ତୃତୀୟ ସ୍ଥାନକୁ ଆସି ପହଂଚି ସାରିଛି । ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ତିନି ଜଣ କରିଥିବା ଗବେଷଣା ଅନୁଯାୟୀ ୨୦୨୧ ଶୀତ ଋତୁ ସମୟରେ ଭାରତରେ ପ୍ରାୟ ପ୍ରତ୍ୟେକ ଦିନ ୨ ଲକ୍ଷ ୮୭ ହଜାର ନୂଆ ଲୋକ ସଂକ୍ରମିତ ହେବେ ବୋଲି ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ କୁମାର ମହାପାତ୍ର ତାଙ୍କର ଏକ ପ୍ରବନ୍ଧରେ ପ୍ରକାଶ କରିଛନ୍ତି ।

ଏହି କ୍ରମରେ ଓଡ଼ିଶାର କଥା ଆମେ ଚିନ୍ତା କରିବା ଏକାନ୍ତ ଆବଶ୍ୟକ । ଆମର ଭିତ୍ତିଭୂମିର ସାମର୍ଥ୍ୟ ଏବଂ ଓଡ଼ିଶାବାସୀଙ୍କ ସାମ୍ନା କରିବାର ଶକ୍ତି କେତେଦୂର କରୋନାକୁ ପରାଜିତ କରି ପାରିବ, ତାହା ବର୍ତ୍ତମାନ ଚିନ୍ତାର ବିଷୟ । ଯେତେ ଯାହା ଯୋଜନା ପ୍ରଣୟନ ହେଉଥିଲେ ସୁଦ୍ଧା ଆର୍ଥିକ ମାନଦଣ୍ଡ ଏଇ କରୋନା କାଳରେ ଭୁଷୁଡ଼ି ପଡ଼ିଥିବା କଥାକୁ ଯେକେହି ବି ସ୍ୱୀକାର କରିବେ । ଲୋକଙ୍କ ମନରେ ଏକ ପ୍ରକାର ଆତଙ୍କିତ ବାତାବରଣ ସୃଷ୍ଟି ହୋଇଥିବାର ଅନୁମାନ କରାଯାଉଛି । ଯେଉଁ ସ୍ତରର ଲୋକେ କେବେ ବି ଖବର ବିଷୟରେ ଜାଣିବାକୁ ଚାହୁଁ ନଥିଲେ, ସେମାନେ ଏବେ ସକାଳ ହେଲେ ଆଜିର କରେନା ଖବର କ'ଣ ବୋଲି ଦରାଣ୍ଡି ହେଉଥିବା ଦେଖିବାକୁ ମିଳୁଛି । କେଉଁ ଜିଲ୍ଲାରେ କେତେ ସଂକ୍ରମଣ, କେଉଁ ଗାଁରେ କେତେ ଆକ୍ରାନ୍ତ... ଏସବୁ ଚର୍ଚ୍ଚାରେ ସଭିଏଁ ଏବେ ବ୍ୟସ୍ତ । ଏଭଳି ପରିସ୍ଥିତିରେ ସମସ୍ତେ ଏକ ଅହେତୁକ ଅଦୃଶ୍ୟ ଆକ୍ରମଣର ଭୟରେ ଭୀତତ୍ରସ୍ତ ।

ଏଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସବୁରେ ଅତ୍ୟନ୍ତ ବଳିଷ୍ଠତାର ଆବଶ୍ୟକତା ରହିଛି । ରାଜ୍ୟର ଆର୍ଥିକ ସ୍ଥିତିକୁ ସମ୍ଭାଳି ରଖିବା ପାଇଁ ଯେତିକି ସଚେତନତା ଲୋଡ଼ା, ତା'ଠାରୁ ଅଧିକ ସଚେତନତା ଦରକାର ସ୍ୱାସ୍ଥ୍ୟସେବା ଦିଗକୁ ଆହୁରି ବେଗବାନ ଓ ସ୍ୱଚ୍ଛ କରିବା । ଲୋକଙ୍କ ଜୀବନ ଓ ଜୀବିକା ଦୁଇ ଦିଗକୁ ଦେଖି ସରକାର କଠୋର ପଦକ୍ଷେପ ଗ୍ରହଣ ନ କଲେ ହୁଏତ ଆଗାମୀ ସମୟରେ ଏକ ଅସମ୍ଭାଳ ସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ । ସ୍ୱାସ୍ଥ୍ୟସେବା ଦିଗକୁ ଆଧୁନିକୀକରଣ କରାଯାଇ ଏହାର ଉପାଦେୟତା ସହରଠାରୁ ଗ୍ରାମାଂଚଳ ଯାଏଁ ସୁଗମ କରାଯିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି । ଏ ଦିଗରେ ସରକାର ଯତ୍ନବାନ ହେବା ଉଚିତ । ଏଠାରେ ଆମକୁ ମନେ ପକେଇବାକୁ ପଡ଼ିବ ଯେ, କେତେକ ସମୃଦ୍ଧ ଦେଶରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଖୁବ୍ ବଳିଷ୍ଠ ଥିବା ସତ୍ତ୍ୱେ କରୋନା ସେମାନଙ୍କ ପାଇଁ ବିପର୍ଯ୍ୟୟ ଘଟାଇ ସାରିଛି । ଏବେ ଆମର ସ୍ୱାସ୍ଥ୍ୟସେବା ଦିଗକୁ ଯେତେଦୂର ସମ୍ଭବ ସଶକ୍ତ କରାଯାଇ ରାଜ୍ୟବାସୀଙ୍କ ଜୀବନ ଜୀବିକାକୁ ସୁରକ୍ଷା ଦେବା ଆମ ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ ହେବା ଦରକାର ।

## ତୁଳସୀ ଜୈନଙ୍କ ଅନନ୍ୟ ପ୍ରୟୋଗ

ମୋବାଇଲ୍ ନଂ.
୯୪୩୭୦୩୯୦୯୬



# ଦାରିଦ୍ର୍ୟଦହନ

ଭାଗ୍ୟ ପ୍ରତିକୂଳ ହେଲେ ମଣିଷ ବିନା ଦୋଷରେ ବି ବହୁ କଷ୍ଟ ପାଇଥାଏ । କିନ୍ତୁ କରୁଣାଶୀଳ ବିଜ୍ଞଲୋକମାନେ ସେହିଭଳି ଲୋକଙ୍କୁ ନିଶ୍ଚିତ ବିପଦରୁ ରକ୍ଷା କରି ସେମାନଙ୍କ ଦୁଃଖକଷ୍ଟ ଦୂର କରିବାରେ ସହାୟତା କରିଥାନ୍ତି । ମହାକବି କାଳିଦାସଙ୍କ ଜୀବନର ସୁନ୍ଦର ପ୍ରସଙ୍ଗଟିଏ–

ଜଣେ କବି ଅତ୍ୟନ୍ତ ଦୀନହୀନ ଅବସ୍ଥାରେ କାଳାତିପାତ କରୁଥାନ୍ତି । ପତ୍ନୀ ତାଙ୍କୁ ବାରମ୍ବାର ରାଜାଙ୍କଠାରୁ କିଛି ପାଇବା ପାଇଁ ପ୍ରବର୍ତ୍ତାଉଥା'ନ୍ତି । ଦିନେ ସେ ଆପଣା ଗାମୁଛାରେ ସରସ ଆଖୁ କେତେ ଖଣ୍ଡ ବାନ୍ଧି ରାଜା ଭୋଜଙ୍କ ସଭା ଉଦ୍ଦେଶ୍ୟରେ ବାହାରିଲେ । ଶାରୀରିକ ଦୁର୍ବଳତା ହେତୁ ଅବଶ ହୋଇ ମାର୍ଗରେ କିଛି ସମୟ ବିଶ୍ରାମ କଲେ । ପେଟ ଖାଲି । ଅଥଚ ଶୀତଳ ପବନ ତାଙ୍କୁ ନିଦ୍ରାଧୀନ କଲା । ଏହି ସମୟରେ ଗାଆଁର କେତେଜଣ ଖଳ ପ୍ରକୃତିର ଯୁବ ଆସି ଆଖୁତକ ବାହାର କରିନେଲେ ଏବଂ ମଜା କରିବାକୁ ଯାଇ କେତେ କାଠଖଣ୍ଡ ତାଙ୍କ ଗଣ୍ଠିଲିରେ ବାନ୍ଧି ସେହିମିତି ଥୋଇଦେଲେ । ନିଦ ଭାଙ୍ଗିବାରୁ କବି ଜଣକ ହଡ଼ବଡ଼ ହୋଇ ରାଜସଭାରେ ପହଂଚିଲେ ଏବଂ ରାଜା ଭୋଜଙ୍କୁ ତାଙ୍କ ସଦ୍ୟ ରଚିତ କବିତା ଖଣ୍ଡକ ଶୁଣାଇ ସାରି ଉପହାର ଦେବାପାଇଁ ଗଣ୍ଠିଲି ଖୋଲି ଦେଖନ୍ତି ତ ସତେ ଯେପରି ତାଙ୍କୁ ବିଜୁଳି ମାରିଦେଲା । ରାଜା ମଧ୍ୟ ଏହାକୁ କବିଙ୍କ ଏକ ଶସ୍ତା ପରିହାସ ଭାବି ରାଗରେ ଥରହର ହେଲେ ।

ମହାକବି କାଳିଦାସ ସବୁ କଥା ବୁଝିଗଲେ । ଦେଖିଲେ ଯେ ଭାଗ୍ୟଦୋଷ ହେତୁ ଜଣେ ନିରୀହ ମଣିଷ ରାଜାଙ୍କ କୋପଭାଜନ ହେବାକୁ ଯାଉଛି । ସଂଗେ ସଂଗେ ସେ ପରିସ୍ଥିତିକୁ ସମ୍ଭାଳି ନେଇ ଏକ ଶ୍ଳୋକ ରଚନା କରି ରାଜାଙ୍କୁ ଶୁଣାଇଲେ । ଯା'ର ମର୍ମ ହେଲା – 'ହେ ରାଜନ ! ଆଜି ପର୍ଯ୍ୟନ୍ତ ଆପଣଙ୍କ ପାଇଥିବା ଉପହାରମାନଙ୍କ ମଧ୍ୟରେ ଆଜିର ଉପହାରଟି ଶ୍ରେଷ୍ଠତମ ! କାରଣ ଅର୍ଜୁନଙ୍କ ଖାଣ୍ଡବବନ ଦହନ କିମ୍ବା ହନୁମାନଙ୍କ ଲଙ୍କା ଦହନରେ କୌଣସି ବିଶେଷତ୍ୱ ନାହିଁ । ସେମାନେ ବରଂ ଯଥାକ୍ରମେ ଗୋଟିଏ ସୁରମ୍ୟ ଉଦ୍ୟାନ ଏବଂ ପ୍ରତିଷ୍ଠିତ ରାଜଧାନୀକୁ ଶ୍ରୀହୀନ କରିଥାନ୍ତି । କବି ଜଣକ ଏହି କାଠ ମାଧ୍ୟମରେ ଆପଣଙ୍କୁ ସମାଜର ଦାରିଦ୍ର୍ୟ ଦହନ ପାଇଁ ପ୍ରେରଣା ଦେଇଛନ୍ତି । ରାଜା ଭୋଜ ଅତ୍ୟନ୍ତ ପ୍ରୀତ ହୋଇ ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ ପୂର୍ବକ କବିଙ୍କ ଦାରିଦ୍ର୍ୟକୁ ଦହନ କରିପକାଇଲେ ।

# ମୋଦୀଙ୍କ ରେଡ଼ିଓ ଅଭିଭାଷଣ "ମନ୍ କି ବାତ୍'ର ଓଡ଼ିଆ ଭାଷାନ୍ତର

## ମନର କଥା ୨.୦ (ଚତୁର୍ଦ୍ଦଶ ଅଧ୍ୟାୟ)

- କାରଗିଲ ବିଜୟ ଦିବସରେ ବୀର ଯବାନଙ୍କ ସାହସ ଓ ବଳିଦାନକୁ ସ୍ମରଣ କଲେ ପ୍ରଧାନମନ୍ତ୍ରୀ
- କରୋନା ବିପତି ଅପରସି ଯାଇନି, ଆମକୁ ସଂପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ : ପ୍ରଧାନମନ୍ତ୍ରୀ
- ବୋର୍ଡ଼ ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ
- ଆତ୍ମନିର୍ଭର ଭାରତ ସଂକଳ୍ପ ନେବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ

ମୋର ପ୍ରିୟ ଦେଶବାସୀଗଣ, ନମସ୍କାର । ଆଜି ଜୁଲାଇ ୨୬ ତାରିଖ ଆଉ ଆଜି ଗୋଟିଏ ବିଶେଷ ଦିନ । ଆଜି "କାରଗିଲ ବିଜୟ ଦିବସ" । ୨୧ ବର୍ଷ ପୂର୍ବେ ଆଜିର ଦିନରେ ହିଁ କାରଗିଲ ଯୁଦ୍ଧରେ ଆମର ସେନାବାହିନୀ ଭାରତର ବିଜୟ ପତାକା ଉଡାଇଥିଲା । ବନ୍ଧୁଗଣ, କାରଗିଲ ଯୁଦ୍ଧ ଯେଉଁ ପରିସ୍ଥିତିରେ ହେଲା, ତାହା ଭାରତ କେବେହେଲେ ଭୁଲିପାରିବନି । ପାକିସ୍ତାନ ବଡ଼ ବଡ଼ ସ୍ୱପ୍ନ ଦେଖି ଭାରତର ଭୂମି ଅକ୍ତିଆର କରିବା ଏବଂ ନିଜ ଦେଶ ଭିତରେ ଚାଲିଥିବା କଳହ ଦିଗରୁ ଧ୍ୟାନ ଭଙ୍ଗ କରିବା ପାଇଁ ଏଭଳି ଦୁଃସାହସ କରିଥିଲା । ଭାରତ ସେତେବେଳେ ପାକିସ୍ତାନ ସହ ସମ୍ପର୍କ ଉନ୍ନତ କରିବାକୁ ପ୍ରଚେଷ୍ଟାରତ ଥିଲା । କିନ୍ତୁ ଯେମିତି କହନ୍ତିନି – "ବୟରୁ ଅକାରଣ ସବ୍ କାହୁ ସୌଁ, ଯୋ କର ହିତ ଅନହିତ ତାହୁ ସୌଁ ।" ଅର୍ଥାତ୍, ଦୁଷ୍ଟର ସ୍ୱଭାବ ହେଲା ବିନା କାରଣରେ ଅନ୍ୟ ସହ ଶତ୍ରୁତା କରିବା । ଏଭଳି ପ୍ରକୃତିର ଲୋକ ତାଙ୍କର ହିତସାଧନ କରୁଥିବା ବ୍ୟକ୍ତିଙ୍କର ମଧ୍ୟ ଅନିଷ୍ଟ କରିବା ପାଇଁ ଚିନ୍ତା କରନ୍ତି । ତେଣୁ ଭାରତର ମିତ୍ରତା ପ୍ରସ୍ତାବ ପ୍ରତ୍ୟୁତରରେ ପାକିସ୍ତାନ ଦ୍ୱାରା ପିଠିରେ ଛୁରୀ ମାରିବାର ପ୍ରଚେଷ୍ଟା ହୋଇଥିଲା କିନ୍ତୁ ତା'ପରେ ଭାରତର ବୀର ସେନାବାହିନୀ ଯେଉଁ ପରାକ୍ରମ ଦେଖାଇଲେ, ଭାରତ ନିଜର ଯେଉଁ ଶକ୍ତି ପ୍ରଦର୍ଶନ କଲା, ତାହା ସାରା ବିଶ୍ୱ ଦେଖିଲା । ଆପଣ କଳ୍ପନା କରିପାରୁଥିବେ – ଉଚ୍ଚ ପାହାଡ଼ଗୁଡ଼ିକ ଉପରେ ବସିଥିବା ଶତ୍ରୁ, ଆଉ ପାହାଡ଼ର ପାଦଦେଶରୁ ଯୁଦ୍ଧ କରୁଥିବା ଆମ ସେନାବାହିନୀ, କିନ୍ତୁ ପର୍ବତ ଶିଖରର ବିଜୟ ନୁହେଁ, ବରଂ ଭାରତୀୟ ସେନାବାହିନୀର ସାହସ ଏବଂ ପ୍ରକୃତ ବୀରତ୍ୱର ବିଜୟ ହେଲା । ବନ୍ଧୁଗଣ, ସେ ସମୟରେ ମୋତେ ମଧ୍ୟ କାରଗିଲ୍ ଯିବାର ଏବଂ ଆମ ଯବାନମାନଙ୍କ ବୀରତ୍ୱ ଦର୍ଶନ କରିବାର ସୌଭାଗ୍ୟ ମିଳିଥିଲା । ସେ ମୁହୂର୍ତ୍ତ ମୋ ଜୀବନର ସବୁଠାରୁ ଅମୂଲ୍ୟ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ଅନ୍ୟତମ । ମୁଁ ଲକ୍ଷ୍ୟ କରୁଛି ଯେ, ଆଜି ସାରା ଦେଶରେ ଲୋକେ କାରଗିଲ ବିଜୟକୁ ମନେ ପକାଉଛନ୍ତି । Social Mediaରେ hashtag# courage-in-Kargil ମାଧ୍ୟମରେ ଲୋକେ ସେହି ବୀରମାନଙ୍କୁ ପ୍ରଣାମ କରୁଛନ୍ତି । ଯେଉଁମାନେ ଶହୀଦ ହୋଇଛନ୍ତି, ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ମୁଁ ଆଜି, ସମସ୍ତ ଦେଶବାସୀଙ୍କ ତରଫରୁ ଆମର ସେହି ବୀର ଯବାନମାନଙ୍କ ସହିତ ସେମାନଙ୍କ ବୀର ମାତାମାନଙ୍କୁ ମଧ୍ୟ ପ୍ରଣାମ କରୁଛି – ଯିଏ ଭାରତମାତାର ଏହି ସୁପୁତ୍ରମାନଙ୍କୁ ଜନ୍ମ ଦେଇଛନ୍ତି । ଆଜିର ଦିନରେ କାରଗିଲ ବିଜୟ ସମ୍ପର୍କୀୟ ଆମ ଯବାନମାନଙ୍କ କାହାଣୀ, ବୀର ମା'ମାନଙ୍କ ତ୍ୟାଗ ସମ୍ପର୍କରେ ପରସ୍ପରଙ୍କୁ ଜଣାଇବା ଏବଂ ଝଷବକ୍ସର କରିବା ପାଇଁ ମୁଁ ଦେଶର ଯୁବବର୍ଗଙ୍କୁ ଅନୁରୋଧ କରୁଛି ବନ୍ଧୁଗଣ, ମୁଁ ଆପଣମାନଙ୍କୁ ଆଜି ଗୋଟିଏ ଅନୁରୋଧ କରୁଛି www. gallantryawards. gov. in ନାମରେ ଗୋଟିଏ ୱେବସାଇଟ୍ ରହିଛି । ଆପଣ ତାହାକୁ ନିଶ୍ଚୟ visit କରନ୍ତୁ । ସେଠାରେ ଆପଣମାନଙ୍କୁ ଆମର ବୀର ପରାକ୍ରମୀ ଯୋଦ୍ଧାମାନଙ୍କ ସମ୍ପର୍କରେ, ସେମାନଙ୍କ ପରାକ୍ରମ ବିଷୟରେ ଅନେକ ତଥ୍ୟ ମିଳିବ ଆଉ ସେହି ସୂଚନାଗୁଡ଼ିକୁ ନେଇ ଆପଣ ଯେତେବେଳେ ନିଜ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରିବେ ସେସବୁ ତାଙ୍କୁ ମଧ୍ୟ ପ୍ରେରଣା ଯୋଗାଇବ । ଆପଣ ନିଶ୍ଚିତ ଭାବେ ଏହି ୱେବସାଇଟକୁ ଯାଆନ୍ତୁ, ଆଉ ଏହାକୁ ବାରମ୍ବାର ଦେଖିବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

ବନ୍ଧୁଗଣ, କାରଗିଲ ଯୁଦ୍ଧ ସମୟରେ ଅଟଳଜୀ ଲାଲକିଲ୍ଲା ଉପରୁ ଯାହା କହିଥିଲେ ତାହା ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ବହୁତ ପ୍ରାସଙ୍ଗିକ । ଅଟଳଜୀ ସେତେବେଳେ ଦେଶକୁ ଗାନ୍ଧିଜୀଙ୍କର ଗୋଟିଏ ମନ୍ତ୍ର ସ୍ମରଣ କରାଇଥିଲେ । ମହାତ୍ମା ଗାନ୍ଧୀଙ୍କର ସେହି ମନ୍ତ୍ରଟି ଥିଲା ଯେ କ'ଣ କରିବା, କ'ଣ ନ କରିବାକୁ ନେଇ ଯଦି କାହାରି ମନରେ କୌଣସି ଦ୍ୱିଧା ଥାଏ, ତେବେ ସେ, ଭାରତର ସବୁଠାରୁ ଗରିବ ଓ ଅସହାୟ ବ୍ୟକ୍ତି ବିଷୟରେ ଚିନ୍ତା କରିବା ଉଚିତ । ସେ ଏକଥା ଭାବିବା ଉଚିତ ଯେ, ସେ ଯାହା କରିବାକୁ ଯାଉଛି ତା'ଦ୍ୱାରା ସେହି ବ୍ୟକ୍ତିର କୌଣସି ଉପକାର ହେବ କି ନାହିଁ । ଗାନ୍ଧୀଜୀଙ୍କର ଏହି ଚିନ୍ତାଧାରାର ଟିକିଏ ଆଗକୁଯାଇ ଅଟଳଜୀ କହିଥିଲେ ଯେ, କାରଗିଲ ଯୁଦ୍ଧ ଆମକୁ ଆଉ ଗୋଟିଏ ମନ୍ତ୍ର ଦେଇଛି । ସେ ମନ୍ତ୍ରଟି ହେଉଛି – "କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରିବା ପୂର୍ବରୁ ଆମେ ଏକଥା ଚିନ୍ତା କରିବା ଉଚିତ ଯେ ଆମର ପଦକ୍ଷେପ ସେହି ସୈନିକର ସମ୍ମାନର ଅନୁରୂପ ତ, ଯିଏ ଦୁର୍ଗମ ପାର୍ବତ୍ୟାଂଚଳରେ ନିଜର ପ୍ରାଣବଳି ଦେଇଛି । ଆସନ୍ତୁ ଅଟଳଜୀଙ୍କ ସ୍ୱରରେ ହିଁ ତାଙ୍କର ଏହି ଭାବନାକୁ ଆମେ ଶୁଣିବା, ବୁଝିବା ଏବଂ ସମୟର ଏହି ଆବଶ୍ୟକତାକୁ ସ୍ୱୀକାର କରିବା ।

Sound byte of Shri Atalji

"ଆମ ସମସ୍ତଙ୍କର ମନେଅଛି ଯେ ଗାନ୍ଧିଜୀ ଆମକୁ ଗୋଟିଏ ମନ୍ତ୍ର ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ଆପଣ କ'ଣ କରିବେ ତାକୁ ନେଇ ଯଦି କୌଣସି ଦ୍ୱିଧା ଉପନ୍ନ ହୁଏ ତାହେଲେ ଆପଣ ଭାରତର ସେହି ସବୁଠାରୁ ଅସହାୟ ବ୍ୟକ୍ତି ବିଷୟରେ ଚିନ୍ତା କରନ୍ତୁ ଏବଂ ନିଜକୁ ପ୍ରଶ୍ନ କରନ୍ତୁ ଯେ, ଆପଣ ଯାହା କରିବାକୁ ଯାଉଛନ୍ତି ତାଦ୍ୱାରା ସେହି ବ୍ୟକ୍ତି ଉପକୃତ ହେବ କି ନାହିଁ । କାରଗିଲ ଆମକୁ ଆଉ ଗୋଟିଏ ମନ୍ତ୍ର ଦେଇଛି – କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରିବା ପୂର୍ବରୁ ଆମେ ଏକଥା ଚିନ୍ତା କରିବା ଯେ, ଆମର ସେହି ପଦକ୍ଷେପ ସେହି ସୈନିକର ସମ୍ମାନର ଅନୁରୂପ କି ନୁହେଁ, ଯିଏ ସେହି ଦୁର୍ଗମ ପାହାଡ଼ିଆ ଅଂଚଳରେ ନିଜର ପ୍ରାଣବଳି ଦେଇଛି ।"

ବନ୍ଧୁଗଣ, ଯୁଦ୍ଧ ପରିସ୍ଥିତିରେ ଆମେ ଯାହା କହିଥାଉ, ଯାହା କରିଥାଉଁ ସେସବୁର ସୀମାରେ କର୍ତ୍ତବ୍ୟରତ ସୈନିକର ମନୋବଳ ଉପରେ, ତାଙ୍କ ପରିବାରର ମନୋବଳ ଉପରେ ଗଭୀର ପ୍ରଭାବ ପକାଇଥାଏ । ଆମେ ଏକଥା କେବେହେଲେ ଭୁଲିବା ଉଚିତ ନୁହେଁ ଆଉ ଏଥିପାଇଁ ଆମ ଆଚାର-ବ୍ୟବହାର, ଆମ କଥା, ଆମ ବକ୍ତବ୍ୟ, ଆମ ମର୍ଯ୍ୟାଦା, ଆମର ଲକ୍ଷ୍ୟ, ଏସବୁ ନିୟନ୍ତ୍ରଣରେ ରହିବା ଜରୁରୀ କାରଣ ଏହା ଆମ ସୈନିକମାନଙ୍କ ମନୋବଳ ବୃଦ୍ଧିକାରୀ, ସମ୍ମାନ ବୃଦ୍ଧିକାରୀ ହେବା ଆବଶ୍ୟକ । "ରାଷ୍ଟ୍ର ସର୍ବୋପରି" ଏହି ମନ୍ତ୍ରକୁ ମନରେ ଧରି, ଏକତାର ସୂତ୍ରରେ ବନ୍ଧା ଦେଶବାସୀ, ଆମ ସୈନିକମାନଙ୍କ ଶକ୍ତି ସହସ୍ରଗୁଣ ବୃଦ୍ଧି କରିଦେଇଥାନ୍ତି । ଆମର ପରା କୁହାଯାଇଛି – "ସଂଘେ ଶକ୍ତି କଲୌ ଯୁଗେ" ।

ବେଳେବେଳେ ଆମେ ଏକଥାକୁ ନ ଣ୍ଟSocial Mediaରେ ଏଭଳି କଥାଗୁଡ଼ିକୁ ପ୍ରୋତ୍ସାହିତ କରିଥାଉ ଯାହା ଆମ ଦେଶର ଅନେକ କ୍ଷତି ଘଟାଇଥାଏ । ବେଳେବେଳେ କୌତୁହଳବଶତଃ ଆମେ ଏଗୁଡ଼ିକୁ foward କରିଦେଇଥାଉଁ । ଏପରି କରିବା ଅନୁଚିତ – ଏକଥା ଜାଣି ମଧ୍ୟ କରି ଦେଉଥାଉଁ । ଆଜିକାଲି, ଯୁଦ୍ଧ କେବଳ ସୀମାରେ ନୁହେଁ, ଦେଶରେ ମଧ୍ୟ ଅନେକ କ୍ଷେତ୍ରରେ ଏକସଙ୍ଗେ ଲଢ଼ିବାକୁ ପଡ଼ିଥାଏ ଏବଂ ପ୍ରତ୍ୟେକ ଦେଶବାସୀଙ୍କୁ ଏଥିରେ ନିଜର ଭୂମିକା ନିର୍ଣ୍ଣୟ କରିବାକୁ ହୋଇଥାଏ । ଦେଶର ସୀମାରେ ଦୁର୍ଗମ ପରିସ୍ଥିତିରେ ସଂଗ୍ରାମରତ ଆମ ସୈନିକମାନଙ୍କୁ ସ୍ମରଣ କରି ଆମକୁ ମଧ୍ୟ ନିଜ ଭୂମିକା ସ୍ଥିର କରିବାକୁ ପଡ଼ିବ ।

ମୋର ପ୍ରିୟ ଦେଶବାସୀଗଣ, ଗତ କିଛିମାସ ଧରି ସାରା ଦେଶ ଏକ ହୋଇ ଯେଉଁଭଳି କରୋନା ସହ ସଂଗ୍ରାମ କରିଛି ତାହା ଅନେକ ଆଶଙ୍କାକୁ ଭୁଲ ପ୍ରମାଣିତ କରିଛି । ଆଜି ଆମ ଦେଶରେ ସୁସ୍ଥତା ହାର ଅନ୍ୟ ଦେଶମାନଙ୍କ ତୁଳନାରେ ଭଲ ରହିଛି । ତା'ସଙ୍ଗେ ସଙ୍ଗେ ଆମ ଦେଶରେ କରୋନା ମୃତ୍ୟୁହାର ମଧ୍ୟ ବିଶ୍ୱର ଅଧିକାଂଶ ଦେଶଠାରୁ ଯଥେଷ୍ଟ କମ୍ ରହିଛି । ଜଣେ ବ୍ୟକ୍ତିକୁ ହରାଇବା ନିଶ୍ଚିତ ଭାବେ ଦୁଃଖଦାୟକ, ହେଲେ, ଭାରତ ଏହାର ଲକ୍ଷ ଲକ୍ଷ ଦେଶବାସୀଙ୍କ ଜୀବନରକ୍ଷା କରିବାରେ ସଫଳ ମଧ୍ୟ ହୋଇଛି । କିନ୍ତୁ ବନ୍ଧୁଗଣ, କରୋନା ବିପତି ଅପସରିଯାଇନି । ଅନେକ ଜାଗାରେ ଏହା ଦ୍ରୁତଗତିରେ ମାଡ଼ିଚାଲିଛି । ଆମକୁ ବହୁ ସତର୍କ ରହିବାର ଆବଶ୍ୟକତା ରହିଛି । ଏକଥା ଆମକୁ ମନେରଖିବାକୁ ହେବ ଯେ, କରୋନା ଏବେ ମଧ୍ୟ ସେତିକି ଘାତକ ଯେତିକି ଆରମ୍ଭରେ ଥିଲା । ତେଣୁ ଆମକୁ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ । ମୁହଁରେ ମାସ୍କ ପିନ୍ଧିବା କିମ୍ବା ଗାମୁଛା ବ୍ୟବହାର କରିବା, ଦୁଇଗଜ ଦୂରତା ରକ୍ଷା କରିବା, ବାରମ୍ବାର ହାତ ଧୋଇବା, କେଉଁଠି ବି ଛେପ ନ ପକାଇବା, ସ୍ୱଚ୍ଛତା ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା – କରୋନାଠାରୁ ରକ୍ଷା ପାଇବା ପାଇଁ ଏସବୁ ହିଁ ଆମର ଅସ୍ତ୍ର । ବେଳେବେଳେ ମାସ୍କ ଆମକୁ ଅଡୁଆ ଲାଗେ । ମୁହଁରୁ ମାସ୍କ କାଢ଼ିଦେବାକୁ ଇଚ୍ଛାହୁଏ । କଥାବାର୍ତ୍ତା କରିବା ସମୟରେ ଯେତେବେଳେ କି ମାସ୍କ ପିନ୍ଧିବା ନିହାତି ଆବଶ୍ୟକ, ସେତେବେଳେ ଆମେ ମାସ୍କ କାଢ଼ି ଦେଇଥାଉ । ଏଭଳି ସମୟରେ ମୋର ଆପଣମାନଙ୍କୁ ଅନୁରୋଧ – ଯେତେବେଳେ ମାସ୍କକୁ ନେଇ ଆପଣ ଅସୁବିଧା ଅନୁଭବ କରନ୍ତି, ମାସ୍କ କାଢ଼ି ଦେବାକୁ ଇଚ୍ଛାହୁଏ, ସେତେବେଳେ ମୁହୂର୍ତ୍ତକ ପାଇଁ ସେହି ଡାକ୍ତରମାନଙ୍କ କଥା ମନେ ପକାନ୍ତୁ, ସେହି ନର୍ସମାନଙ୍କ କଥା ମନେପକାନ୍ତୁ, ଆମର ସେହି କରୋନା ଯୋଦ୍ଧାମାନଙ୍କ କଥା ମନେପକାନ୍ତୁ । ଆପଣମାନେ ଲକ୍ଷ୍ୟ କରିବେ ଯେ, ସେମାନେ ଘଂଟା ଘଂଟା ଧରି ମାସ୍କ ପିନ୍ଧି ଅନବରତ ଭାବେ ଆମମାନଙ୍କ ଜୀବନ ରକ୍ଷା କରିବାରେ ଲାଗିରହୁଛନ୍ତି । ଆଠ-ଦଶ ଘଂଟା ଧରି ମାସ୍କ ପିନ୍ଧିରଖୁଛନ୍ତି । ସେମାନଙ୍କୁ କ'ଣ ଅସୁବିଧା ହେଉନଥିବ ? ତାଙ୍କ କଥା ଟିକିଏ ମନେ ପକାଇଦେଲେ ଆପଣ ମଧ୍ୟ ଅନୁଭବ କରିବେ ଯେ, ଜଣେ ନାଗରିକ ହିସାବରେ ଆମେ ନିଜେ କିମ୍ବା ଅନ୍ୟମାନେ ଏଥିରେ ଟିକିଏ ହେଲେ ଢିଲା ଦେବା ଉଚିତ ନୁହେଁ । ଏକପକ୍ଷରେ ଆମକୁ ସମ୍ପୂର୍ଣ୍ଣ ସଚେତନତା ଏବଂ ସାବଧାନତା ସହ କରୋନା ବିରୁଦ୍ଧରେ ସଂଗ୍ରାମ ଜାରି ରଖିବାକୁ ଅଛି । ଅପରପକ୍ଷରେ କଠିନ ପରିଶ୍ରମ ଦ୍ୱାରା ବ୍ୟବସାୟ, ଚାକିରି, ଅଧ୍ୟୟନ, ଯାହାକି ଆମର କର୍ତ୍ତବ୍ୟ ତାହାକୁ ଗତିଶୀଳ କରିବାକୁ ହେବ । ତାହାକୁ ଉନ୍ନତିର ନୂତନ ଶିଖରକୁ ନେଇଯିବାକୁ ହେବ । ବନ୍ଧୁଗଣ, କରୋନା କାଳରେ ତ ଆମର ଗ୍ରାମାଂଚଳ ସମଗ୍ର ଦେଶକୁ ଗୋଟିଏ ନୂତନ ଦିଗ ପ୍ରଦର୍ଶିତ କରିଛି । ଗାଁରୁ ସ୍ଥାନୀୟ ନାଗରିକମାନଙ୍କର, ଗ୍ରାମପଂଚାୟତ ମାନଙ୍କର ଭଲକାମ ସବୁ ଅନବରତ ଭାବେ ସାମ୍ନାକୁ ଆସୁଛି । ଜାମ୍ମୁରେ ତ୍ରେବା ନାମକ ଗୋଟିଏ ଗ୍ରାମପଂଚାୟତ ରହିଛି । ସେଠାକାର ସରପଂଚ ହେଉଛନ୍ତି ବଲ୍‌ବୀର କୌର ଜୀ । ମୋତେ ସୂଚନା ଦିଆଯାଇଛି ଯେ, ବଲ୍‌ବୀର କୌରଜୀ ନିଜ ପଂଚାୟତରେ ୩୦ ଶଯ୍ୟାବିଶିଷ୍ଟ ଗୋଟିଏ ଛଙ୍କବ୍ବଭଫ୍ସଭର ଉରଭଫ୍ବର ନିର୍ମାଣ କରିଛନ୍ତି । ପଂଚାୟତକୁ ଆସୁଥିବା ରାସ୍ତାମାନଙ୍କରେ ପାଣିର ସୁବିଧା ମଧ୍ୟ କରାଯାଇଛି । ଲୋକଙ୍କର ହାତ ଧୋଇବାରେ ଯେମିତି କୌଣସି ଅସୁବିଧା ନ ହେବ, ସେଥିପାଇଁ ବ୍ୟବସ୍ଥା କରାଯାଇଛି । କେବଳ ସେତିକି ନୁହେଁ, ବଲବୀର କୌରଜୀ ନିଜେ ନିଜ କାନ୍ଧ ଉପରେ Spray Pump ଟାଙ୍ଗି ସ୍ୱେଚ୍ଛାସେବୀମାନଙ୍କ ସହ ମିଶି ସାରା ପଂଚାୟତରେ, ଆଖାପାଖ ଅଂଚଳରେ Sanitization କାମ ମଧ୍ୟ କରୁଛନ୍ତି । ସେଇଭଳି ଆଉ ଜଣେ କାଶ୍ମୀରୀ ମହିଳା ସରପଂଚ ରହିଛନ୍ତି । ସେ ହେଉଛନ୍ତି ଗାଁନ୍ଦରବଲ ଚୌଟଲିବାରର ଜୈତୁନା ବେଗମ୍ । ଜୈତୁନା ବେଗମ୍ ଜୀ ସ୍ଥିର କରିଛନ୍ତି ଯେ ତାଙ୍କ ପଂଚାୟତ କରୋନା ବିରୁଦ୍ଧରେ ସଂଗ୍ରାମ କରିବ ଏବଂ ରୋଜଗାରର ନୂତନ ସୁଯୋଗ ମଧ୍ୟ ସୃଷ୍ଟି କରିବ । ସେ ସମ୍ପୂର୍ଣ୍ଣ ଅଂଚଳରେ ମାଗଣା ମାସ୍କ ବଂଟନ କରିଛନ୍ତି, ମାଗଣା ଖାଦ୍ୟସାମଗ୍ରୀ ବଂଟନ କରିଛନ୍ତି, ତାସଙ୍ଗେ ସଙ୍ଗେ ସେ ଲୋକମାନଙ୍କୁ ଶସ୍ୟବୀଜ ଏବଂ ସେଓର ଚାରା ମଧ୍ୟ ଦେଇଛନ୍ତି ଯାହାଫଳରେ ଲୋକଙ୍କୁ କୃଷି କାର୍ଯ୍ୟରେ, ବଗିଚା କାମରେ ଅସୁବିଧା ନ ହେବ । ବନ୍ଧୁଗଣ, କାଶ୍ମୀରରୁ ଅନ୍ୟ ଏକ ପ୍ରେରଣାଦାୟୀ ଘଟଣା ଜାଣିବାକୁ ମିଳିଛି, ଏଠାରେ ଅନନ୍ତନାଗର ମ୍ୟୁନିସିପାଲ ପ୍ରେସିଡେଂଟ ହେଉଛନ୍ତି ଶ୍ରୀମାନ ମହମ୍ମଦ ଇକବାଲ, ନିଜ ଅଂଚଳର ସାନିଟାଇଜେସନ୍ ପାଇଁ ତାଙ୍କୁ ସ୍ପ୍ରେୟାରର ଆବଶ୍ୟକତା ଥିଲା । ପଚାରିବାରୁ ଜଣାପଡ଼ିଲା ଯେ ଏହି ମେସିନ୍ ଅନ୍ୟ ସହରରୁ ଆଣିବାକୁ ପଡ଼ିବ ଏବଂ ଏହାର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ । ଏକଥା ଜାଣି ଶ୍ରୀମାନ ଇକବାଲ ଜୀ ନିଜ ଚେଷ୍ଟାରେ ଗୋଟିଏ ସ୍ପ୍ରେୟାର ମେସିନ୍ ତିଆରି କରିଦେଲେ ଏବଂ ସେଥିପାଇଁ ମାତ୍ର ପଚାଶ ହଜାର ଟଙ୍କା ଖର୍ଚ୍ଚ ହେଲା । ଏଭଳି ଅନେକ ଉଦାହରଣ ରହିଛି । ସାରା ଦେଶର କୋଣ ଅନୁକୋଣରୁ ଏଭଳି ଅନେକ ପ୍ରେରଣାଦାୟୀ ଘଟଣା ପ୍ରତିଦିନ ନଜରକୁ ଆସୁଛି, ଏମାନେ ସମସ୍ତେ ଅଭିନନ୍ଦନର ପାତ୍ର । ସମସ୍ୟା ଆସିଲା, କିନ୍ତୁ ଲୋକେ ମଧ୍ୟ ସେତିକି ଶକ୍ତିର ସହିତ ଏହାର ମୁକାବିଲା ମଧ୍ୟ କଲେ ।

ମୋର ପ୍ରିୟ ଦେଶବାସୀଗଣ, ସଠିକ ପଦକ୍ଷେପ, ସକାରାତ୍ମକ ପଦକ୍ଷେପ ଦ୍ୱାରା ସର୍ବଦା ବିପଦ ସମୟରେ ବିପତିକୁ ପ୍ରଗତିରେ ପରିବର୍ତ୍ତିତ କରିବା ପାଇଁ ଅନେକ ସାହାଯ୍ୟ ମିଳିଥାଏ । ବର୍ତ୍ତମାନ ଆମେ କରୋନା ସମୟରେ ମଧ୍ୟ ଦେଖୁଛୁ ଯେ କିଭଳି ଆମ ଦେଶର ଯୁବବର୍ଗ, ମହିଳାମାନେ ନିଜର ପ୍ରତିଭା ଏବଂ ଦକ୍ଷତା ବଳରେ କିଛି ନୂଆ ପ୍ରୟୋଗ ଆରମ୍ଭ କରିଛନ୍ତି । ବିହାରରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧୁବନୀ ଚିତ୍ରକଳା ରହିଥିବା ମାସ୍କ ତିଆରି କରିବା ଆରମ୍ଭ କଲେ, ଏବଂ ଦେଖୁଦେଖୁ ଏସବୁ ଖୁବ୍ ଲୋକପ୍ରିୟ ହୋଇଗଲା । ମଧୁବନୀ ଚିତ୍ରକଳା ରହିଥିବା ଏହି ମାସ୍କ ଏକପକ୍ଷରେ ସେଠାକାର ପରମ୍ପରାର ପ୍ରଚାର କରୁଛି, ଅପରପକ୍ଷରେ ଏସବୁ ଲୋକମାନଙ୍କୁ ସୁସ୍ଥ ରଖିବା ସହ ଉପାର୍ଜନର ମାର୍ଗ ମଧ୍ୟ ପ୍ରଦାନ କରୁଛି । ଆପଣମାନେ ତ ଜାଣିଛନ୍ତି ଉତର ପୂର୍ବାଂଚଳରେ ବାଉଁଶର ପ୍ରଚୁର ଉତ୍ପାଦନ ହୋଇଥାଏ, ଏବେ ସେହି ବାଉଁଶରେ ତ୍ରିପୁରା, ମଣିପୁର, ଆସାମର କାରିଗରମାନେ ଉଚ୍ଚ ଗୁଣସମ୍ପନ୍ନ ପାଣି ବୋତଲ ଏବଂ ଟିଫିନ ବକ୍ସ ତିଆରି କରିବା ଆରମ୍ଭ କରିଛନ୍ତି । ଏହାର କ୍ୱାଲିଟି ଦେଖିଲେ ଆପଣ ବିଶ୍ୱାସ କରିପାରିବେ ନାହିଁ ଯେ ବାଉଁଶରେ ଏତେ ସୁନ୍ଦର ବୋତଲ ତିଆରି ହୋଇପାରିବ । ଆଉପୁଣି ସେଗୁଡ଼ିକ eco-friendly । ଏହାକୁ ତିଆରି କରିବା ପୂର୍ବରୁ ବାଉଁଶକୁ ଅନ୍ୟ ଔଷଧୀୟ ବୃକ୍ଷ ସହ ସିଝାଯାଇଥାଏ । ଏହାଦ୍ୱାରା ବାଉଁଶ ଔଷଧଗୁଣଯୁକ୍ତ ହୋଇଯାଇଥାଏ । ଛୋଟ ଛୋଟ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସଟ୍‌କଟ୍ ନ୍ୟୁଜ୍

ଭୁବନେଶ୍ୱର : ପ୍ଲାଜ୍‌ମା ଥେରାପିରେ ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପାଇଁ ପ୍ଲାଜ୍‌ମା ପ୍ରଦାନ ନିମନ୍ତେ ପ୍ରୋତ୍ସାହନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦ଜଣ ମନ୍ତ୍ରୀଙ୍କୁ ଜିଲ୍ଲା ଦାୟିତ୍ୱ ପ୍ରଦାନ କରିଛନ୍ତି ।

ବ୍ରହ୍ମପୁର : କରୋନା ସଂକ୍ରମଣ ଏବଂ ସେହି ସଂକ୍ରାନ୍ତୀୟ ଲକ୍‌ଡାଉନ୍ ନିୟମ ଉପରେ ପର୍ଯ୍ୟବେଶିତ ଗଂଜାମ ଜିଲ୍ଲା ହିଂଜିଳିକାଟୁରୁ ନିର୍ମିତ ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର 'ଅଭିଳାଷ'କୁ ମିଳିଛି ଆନ୍ତର୍ଜାତିକ ସମ୍ମାନ ।

ନୂଆଦିଲ୍ଲୀ : ରାଜ୍ୟସଭା ଉପାଧ୍ୟକ୍ଷ ପେନାଲ୍‌କୁ ସାଂସଦ ଡ. ସସ୍ମିତ ପାତ୍ରଙ୍କୁ ମନୋନୀତ କରିଛନ୍ତି ଅଧ୍ୟକ୍ଷ ଏମ୍. ଭେଙ୍କେୟା ନାଇଡୁ ।

ନୂଆପଡ଼ା : କାଳିଆ ଯୋଜନାରେ ଟଙ୍କା ପାଇଥିବା ଅଯୋଗ୍ୟ ହିତାଧିକାରୀମାନଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ଚାଷୀମାନଙ୍କ ପାଖକୁ ନୋଟିସ୍ ପହଂଚିଥିବା ବେଳେ ଏଥିରେ କ୍ଷୋଭ ପ୍ରକାଶ କରିଛନ୍ତି ଚାଷୀମାନେ । କରୋନା ସଂକ୍ରମଣ ସମୟରେ ରାଜ୍ୟବାସୀ ଜୀବିକା ହରାଇ ଅଭାବ ଅସୁବିଧାରେ କାଳାତିପାତ କରୁଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପ ଜନବିରୋଧୀ ବୋଲି କୃଷକ ସଂଘ ପକ୍ଷରୁ କୁହାଯାଇଛି ।

ଜୁନାଗଡ଼ ; କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ କାର୍ଯ୍ୟରତ ସାଂବାଦିକ ସଂଘ ଗଠିତ ହୋଇଥିବା ବେଳେ ସଭାପତି ଭାବେ ଉତ୍ତମ କୁମାର ଦାଶ, ଉପସଭାପତି ଭାବେ ସୁନ୍ଦର ମୋହନ ଛତ୍ରିଆ, ସଂପାଦକ ଭାବେ କୁମର ମଣି ଦୁର୍ଗା, କୋଷାଧ୍ୟକ୍ଷ ଭାବେ ମୁକେଶ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଛନ୍ତି ।

ବଙ୍ଗୋମୁଣ୍ଡା : ସଂପୃକ୍ତ ବ୍ଲକ୍ ଅନ୍ତର୍ଗତ ସିନ୍ଧେକେଲା ପଂଚାୟତର ପୁଟୁପଡ଼ା ମହିମା କଳା ପରିଷଦ ପକ୍ଷରୁ ପୁଟୁପଡ଼ା ସଂଗୀତ ଶିକ୍ଷାକେନ୍ଦ୍ର ଓ ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ କୁଡ଼ସୁଡ଼ ଶାସ୍ତ୍ରୀୟ କଳା ସଂସଦ ପକ୍ଷରୁ କୁଡ଼ସୁଡ଼ ସଂଗୀତ ଶିକ୍ଷାକେନ୍ଦ୍ରଠାରେ ଅଭିନେତା ବିଜୟ ମହାନ୍ତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।

ଟିଟିଲାଗଡ଼ : ସଂପୃକ୍ତ ବ୍ଲକ୍ ଅଂଚଳରେ ବର୍ଷା ଅଭାବ ଯୋଗୁଁ ରୁଆବିହୁଡ଼ା କାମ ସରି ନଥିବା ବେଳେ ଚାଷୀମାନେ ଚିନ୍ତନ ହୋଇ ପଡ଼ିଥିବା ପ୍ରାପ୍ତ ସୂଚନାରେ କୁହାଯାଇଛି ।

ଭବାନୀପାଟଣା : ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍ ଶିକ୍ଷା ପାଇଁ ଡାକରା ଦିଆଯାଇଥିବା ବେଳେ ସଂପୃକ୍ତ ଜିଲ୍ଲାର ଅନେକ ଗ୍ରାମାଂଚଳମାନଙ୍କରେ ଟାୱାର ଧରୁ ନଥିବାରୁ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଶିକ୍ଷା ଗ୍ରହଣରୁ ବଂଚିତ ହେଉଥିବା କୁହାଯାଇଛି ।

ଭୁବନେଶ୍ୱର : ୨୦୧୯ ବର୍ଷ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସର୍ବୋଚ୍ଚ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଶିଷ୍ଟ କଥାକାର ତଥା ଔପନ୍ୟାସିକା ବୀଣାପାଣି ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ନିରାଡ଼ମ୍ବର ଭାବେ ଏକାଡ଼େମୀର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଶ୍ରୀମତୀ ମହାନ୍ତିଙ୍କୁ ତାଙ୍କ ଘରେ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି ।

ବରଗଡ଼ : ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତିଙ୍କ ବିୟୋଗରେ ସ୍ଥାନୀୟ ବିଭିନ୍ନ ସାଂସ୍କୃତିକ ଓ ନାଟ୍ୟ ଅନୁଷ୍ଠାନ ତରଫରୁ ଶୋକ ପ୍ରକାଶ କରାଯାଇଛି । ସ୍ୱର୍ଗତ ମହାନ୍ତିଙ୍କ କଳା ଚିରଦିନ ପାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ବଂଚି ରହିବ ବୋଲି ପ୍ରକାଶ କରାଯାଇଛି ।

# ଜଂଗଲ ବିଭାଗ ଓ ଉପଖଣ୍ଡ ପ୍ରଶାସନ ମଧ୍ୟରେ ଚୋର ପୁଲିସ ଖେଳ : ଜଂଗଲ ବିଭାଗକୁ ଧରିଲା ଉପଖଣ୍ଡ ପ୍ରଶାସନ



ପାଟଣାଗଡ଼, (ନିପ୍ର) : ସ୍ଥାନୀୟ ଜଂଗଲ ବିଭାଗ ଓ ଉପଖଣ୍ଡ ପ୍ରଶାସନ ମଧ୍ୟରେଚୋର ପୁଲିସ ଖେଳ ଦେଖିବାକୁ ମିଳିଛି । ଜଂଗଲ ବିଭାଗ ମୋରୁମ୍ ଚୋରା ଚାଲାଣ କରୁଥିବା ବେଳେ ଉପଖଣ୍ଡ ପ୍ରଶାସନ ଓ ପୁଲିସ ଟିମ୍ ଘଟଣାସ୍ଥଳକୁ ପହଂଚି ବ୍ୟବହୃତ ଗୋଟିଏ ଜେସିବି ଓ ୪ଟି ଟ୍ରାକ୍ଟର ଜବତ୍ କରିଛି । ତେବେ ମନରେଗା ଯୋଜନାରେ ଉକ୍ତ କାମ ହେଉଥିବା ବେଳେ ସଂପୂର୍ଣ୍ଣ ବେଆଇନ ଭାବେ ଜେସିବି ଓ ଟ୍ରାକ୍ଟର ଲଗାଯାଇ ମୋରୁମ୍‌ର ଚୋରା ଚାଲାଣ କରାଯାଉଥିଲା । ଆହୁରି ଏହି ଯୋଜନାରେ ସ୍ଥାନୀୟ ଶ୍ରମିକଙ୍କୁ କର୍ମ ନିଯୁକ୍ତି ଦେବା ଆଇନ ରହିଥିବା ସତ୍ୱେ ଟ୍ରାକ୍ଟର ଓ ଜେସିବି ଲଗାଯାଇ କାମ କରାଯାଉଥିବା ଅଭିଯୋଗ ହୋଇଛି । ଉତ୍ତରରେ ଉପଖଣ୍ଡ ବନ ଅଧିକାରୀ ବର୍ତ୍ତମାନ କରୋନା ସମୟରେ ଶ୍ରମିକ ଅଭାବ ଯୋଗୁଁ ମେସିନ ବ୍ୟବହାର କରି ମନରେଗା କାମ କରାଯାଉଥିବା କହିଛନ୍ତି । ଏହି କାମ ସରକାରୀ ହୋଇଥିବା ବେଳେ ମୋରୁମ୍‌ର ରାଜସ୍ୱ ଦେବାର କୌଣସି ଆବଶ୍ୟକତା ନାହିଁ ବୋଲି ମଧ୍ୟ ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପାଟଣାଗଡ଼ ବନବିଭାଗ ପକ୍ଷରୁ ପିପଲ୍‌ଡାବର୍ ଗ୍ରାମଠାରୁ ଗଏଲ୍‌ମରା ଗ୍ରାମ ପର୍ଯ୍ୟନ୍ତ ମନରେଗା ଯୋଜନା ଅଧୀନରେ ୪ ଲକ୍ଷ ୪୪ ହଜାର ୨୮୨ ଟଙ୍କା ବ୍ୟୟ ବରାଦରେ ୬ କିଲୋମିଟର ରାସ୍ତା କାମ ଚାଲିଛି । ଏହି କାମ ପାଇଁ ପିପଲ୍‌ଡାବର୍ ଗ୍ରାମରେ ଥିବା ଜଂଗଲ ଜମିରୁ ବେଆଇନ ଭାବେ ଜେସିବି ଲଗାଇ ଟ୍ରାକ୍ଟରେ ମୋରୁମ୍ ଚାଲାଣ ହେଉଥିଲା । ଏହି ସମୟରେ ପ୍ରଶାସନ ଖବର ପାଇ ଘଟଣାସ୍ଥଳରେ ପହଂଚି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା କ୍ଷୀରୋଦ ଚନ୍ଦ୍ର ସାହୁ ବ୍ୟବହୃତ ଜେସିବି ଓ ଟ୍ରାକ୍ଟରଗୁଡ଼ିକୁ ଜବତ୍ କରିବା ସହ ପାଟଣାଗଡ଼ ଥାନାକୁ ଖବର ଦେଇଥିଲେ । ତୁରନ୍ତ ପାଟଣାଗଡ଼ ପୁଲିସ ଘଟଣାସ୍ଥଳରେ ପହଂଚି ଜବତ୍ ହୋଇଥିବା ଗାଡ଼ିଗୁଡ଼ିକୁ ଥାନାକୁ ଆଣିଥିଲେ । ପାଟଣାଗଡ଼ ଫରେଷ୍ଟର ରଂଜିତ ସିଂବାବୁ ଏହି କାମର ତଦାରଖ ଦାୟିତ୍ୱରେ ଥିଲେ । ରେଂଜର ବାସୁଦେବ ନାଥଙ୍କୁ ଏ ବିଷୟରେ ପଚରାଯିବାରୁ ଏହା ସରକାରୀ କାମ ହୋଇଥିବା ବେଳେ ଏଥିରେ ପ୍ରଶାସନର କୌଣସି ଅନୁମତିର ଆବଶ୍ୟକତା ନାହିଁ ଓ ଏହି କରୋନା ସମୟରେ ଶ୍ରମିକ ମିଳୁ ନଥିବା ବେଳେ ମେସିନ୍ ସାହାଯ୍ୟରେ ଶୀଘ୍ର କାମ ସମାପନ ଉଦ୍ଦେଶ୍ୟରେ ଫରେଷ୍ଟର ଏଭଳି ପଦକ୍ଷେପ ନେଇଥିବେ ବୋଲି କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କରୋନା ମହାମାରୀ ସଂକ୍ରମଣ ସମୟରେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ନିଜର ରୋଜଗାର ହରାଇ ରାଜ୍ୟକୁ ଫେରିଛନ୍ତି । ରାଜ୍ୟ ସରକାର ମଧ୍ୟ ସେମାନଙ୍କୁ ଭରଣ ପୋଷଣ ଯୋଗାଇବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଏହି ସମୟରେ ସମସ୍ତ ପ୍ରବାସୀ ଶ୍ରମିକମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବା ବ୍ୟବସ୍ଥା ରହିଥିବା ବେଳେ ମେସିନ୍ ଲଗାଇ ବେଆଇନ ଭାବେ ମନରେଗା କାମ କରାଯିବା କେତେଦୂର ଗ୍ରହଣୀୟ, ତାହା ରାଜ୍ୟ ସରକାର ଖୋଦ୍ ଚିନ୍ତା କରିବେ । ତେବେ ପାଟଣାଗଡ଼ ଭଳି ଏକ ଦାଦନ ପ୍ରବଣ ଅଂଚଳରେ ଏହି ଘଟଣା ସରକାରୀ ବ୍ୟବସ୍ଥା ଓ ଶ୍ରମିକଙ୍କ ଅବସ୍ଥାକୁ ଲୋକଲୋଚନକୁ ଆଣିଛି । କରୋନା ସମୟରେ କାମ ମିଳୁ ନଥିବାରୁ ବର୍ତ୍ତମାନ ଶ୍ରମିକ ଜଗତରେ ହାହାକାର ସୃଷ୍ଟି ହେଉଥିବା ସମୟରେ ଜଂଗଲ ବିଭାଗର ଏଭଳି ଜଂଗଲୀ ନୀତିକୁ ସାଧାରଣରେ ନିନ୍ଦା କରାଯାଇଛି ।

# ଟିକ୍ରାପଡ଼ା ପଞ୍ଚାୟତରେ ଆବସ ଯୋଜନା ମହାଦୁର୍ନୀତି ଅଭିଯୋଗ

## ସରକାରୀ ଜମି ଉପରେ ଆବାସ ଓ ଷ୍ଟଲ ନିର୍ମାଣ : ଭିଜିଲାନ୍ସ ତଦନ୍ତ ଦାବୀ !



ସଇଁତଲା, (ସ୍ୱପ୍ର) : ଗରିବ ଜନସାଧାରଣଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ମୁଣ୍ଡଗୁଂଜିବା ପାଇଁ ଘର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଅଥଚ ଅନେକ ସ୍ଥାନରେ ସରକାରଙ୍କ ଏହି ଯୋଜନା ପ୍ରକୃତ ହିତାଧିକାରୀମାନଙ୍କ ପାଇଁ ଅହପହଂଚ ହୋଇ ରହିଯାଏ । ଏଭଳି ଏକ ଘଟଣା ନଜର ଆସିଛି । ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ୍ ଅନ୍ତର୍ଗତ ଟିକ୍ରାପଡ଼ା ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଂଟନରେ ଅନେକ ଅନିୟମିତତା ରହିଥିବା ଅଭିଯୋଗ ହେଉଛି । ଦିଆଯାଇଥିବା ସୂଚନା ମୁତାବକ ଉକ୍ତ ଗ୍ରାମର ସୁଦର୍ଶନ ଦୀପ, ପଂଚାନନ ରଣା ଭଳି ଲୋକଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଗୋଟିଏ ଲେଖାଏଁ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ ରାସ୍ତା କଡ଼ରେ ସରକାରୀ ଜମି ଉପରେ କିଭଳି ଭାବରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଷ୍ଟଲ୍ ନିର୍ମିତ ହେଲା, ତାହା ସରକାରଙ୍କ ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସଂପୃକ୍ତ ଯୋଜନା ଅଧୀନରେ ୧ ଲକ୍ଷ ୩୦ ହଜାର ଟଙ୍କା ଲେଖାଏଁ ମଧ୍ୟ ଉଠି ସାରିଛି । ତେବେ ବ୍ଲକ୍ ପ୍ରଶାସନ ପକ୍ଷରୁ ସରକାରୀ ଜମି ଉପରେ ସରକାରୀ ଯୋଜନା ଅଧୀନରେ ଘର ନିର୍ମାଣ ହୋଇ ପାରିବନାହିଁ ବୋଲି ରୋକ୍‌ଠୋକ୍ କୁହାଯାଉଥିଲେ ମଧ୍ୟ ଏଠାରେ ଅନୁମତି କେମିତି ମିଳିଲା ଏବଂ ବ୍ଲକ୍ ପ୍ରଶାସନ ଜାଣିଶୁଣି କିଭଳି ଚୁପ୍ ରହିଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ, ଗୋଟିଏ କି ଦୁଇଟି ନୁହଁ ଏହି ପଂଚାୟତରେ ଅନେକ ହିତାଧିକାରୀ ବାସଗୃହ ବଦଳରେ ଦୋକାନ ଗୃହ ନିର୍ମାଣ କରିଥିବା ଅଭିଯୋଗ ହେଉଛି । ଏପରିକି କେତେକ ସ୍ଥାନରେ ସରକାରୀ ଆବାସ ଯୋଜନା ଅର୍ଥରେ ଦୋକାନ ଗୃହ ନିର୍ମାଣ କରାଯାଇ ଭଡ଼ାରେ ଲଗା ଯାଇଥିବା ମଧ୍ୟ ଶୁଣିବାକୁ ମିଳୁଛି ।

ତେବେ ଉପରୋକ୍ତ ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ, ପ୍ରକୃତ ହିତାଧିକାରୀଙ୍କୁ ଏହି ଯୋଜନାରୁ ବଂଚିତ କରାଯାଇ ନକଲି ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଉଥିବା ଗନ୍ଧ ବାରି ହୋଇଯାଉଛି । ପୁଣି ଏହି ପଂଚାୟତରେ ମନରେଗା ଯୋଜନାରେ ମଧ୍ୟ ବହୁ ଅନିୟମିତତା ତଥା ଦୁର୍ନୀତି ରହିଥିବା ସାଧାରଣରେ ଆଲୋଚନା ହେଉଛି ।

ତେବେ ଏ ସଂପର୍କରେ ସଇଁତଲା ବିଡ଼ିଓ. ଦେବାଶିଷ ସାମଲଙ୍କୁ ପଚରାଯିବାରୁ ଯଦି ସରକାରୀ ଆବାସ ଯୋଜନାରେ ଷ୍ଟଲ ନିର୍ମାଣ ହୋଇଛି ତେବେ ଏହାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏହି ଘଟଣାର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି ବୁଦ୍ଧିଜୀବୀମାନେ ।

# ସ୍କାଉଟ୍ ଗାଇଡ୍‌ର ଆଂଚଳିକ ଜାତୀୟ ସଂହତି କ୍ୟାମ୍ପକୁ ରାଜ୍ୟ ପୁରସ୍କାର



ତୁରେକେଲା, (ସ୍ୱପ୍ର) : ଗତ ଜାନୁୟାରୀ ମାସରେ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ତୁରେକେଲା ସରକାରୀ ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଥିବା ଭାରତ ସ୍କାଉଟ ଗାଇଡ ଆଂଚଳିକ ଜାତୀୟ ସଂହତି କ୍ୟାମ୍ପକୁ ଶ୍ରେଷ୍ଠ କ୍ୟାମ୍ପ ଭାବରେ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଏହି ଆଂଚଳିକ ସ୍ତରୀୟ ଜାତୀୟ ସଂହତି ଶିବରରେ ବରଗଡ, ନୂଆପଡା, କଳାହାଣ୍ଡି, ସୋନପୁର ସହ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୦୦୪ ଜଣ ସ୍କାଉଟ, ଗାଇଡ, ସ୍କାଉଟ ମାଷ୍ଟର, ଗାଇଡ କ୍ୟାପ୍‌ଟେନ, ଅଫିସିଆଲ ଯୋଗ ଦେଇଥିଲେ । ଓଡିଶାର ରାଜ୍ୟପାଳ ମହାମହିମ ପ୍ରଫେସର ଗଣେଷୀଲାଲଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ମାନପତ୍ର ବଲାଙ୍ଗିର ଜିଲ୍ଲା ଭାରତ ସ୍କାଉଟ ଗାଇଡକୁ ପ୍ରଦାନ କରାଯାଇଛି । ଏହି କୃତି ବଲାଙ୍ଗିର ଜିଲ୍ଲା ଭାରତ ସ୍କାଉଟ ଗାଇଡକୁ ଗୌରବାନ୍ୱିତ କରିଛି । ଏହା ସହିତ ଓଡିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ ତରଫରୁ ଆୟୋଜିତ ଡିଜିଟାଲ ଡେନ୍ସ ପ୍ରତିଯୋଗିତା "ନୃତ୍ୟାୟନା"ରେ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବିବିନା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଗାଇଡ୍ କ୍ୟାପଟେନ୍ ଜ୍ୟୋତି ବେହେରା ଅଂଶଗ୍ରହଣ କରି ୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇ 'ଏ' ଗ୍ରେଡ୍ ହାସଲ କରିଛନ୍ତି । ବଲାଙ୍ଗିର ଜିଲ୍ଲା ଭାରତ ସ୍କାଉଟ ଗାଇଡର ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ଭାରତ ସ୍କାଉଟ ଗାଇଡ ସଂପାଦକ ଜ୍ୟୋତି ପ୍ରସାଦ ପରିଡା, ଡିଏସ୍‌ଏସ୍ ନିଳମଣୀ ପଟେଲ, ଜିଲ୍ଲା ଅର୍ଗାନାଇଜିଂ କମିଶନର ସ୍କାଉଟ ନିଳାଂଚଳ ଚିର୍ଗୁନ, ଜିଲ୍ଲା ଅର୍ଗାନାଇଜିଂ କମିଶନର ଗାଇଡ କସ୍ତୁରୀ ରଥ, ତୁରେକେଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଜଳନ୍ଧର ମହାକୁର ଶୁଭେଚ୍ଛା ଜଣାଇଛନ୍ତି ।

# କାରଗିଲ ବିଜୟ ଦିବସ ପାଳିତ : ଅବସରପ୍ରାପ୍ତ ସୈନିକ ସଂଘର ଶ୍ରଦ୍ଧାଞ୍ଜଳି ସଭା

ବଲାଙ୍ଗି. (ନିପ୍ର) : କାରଗିଲ ବିଜୟ ଦିବସକୁ ଆଜି ୨୧ବର୍ଷ ପୂରିଯାଇଛି । ଦୀର୍ଘ ୬୦ ଦିନର ସଂଘର୍ଷ ଓ ପରାକ୍ରମ ପରେ ଭାରତିୟ ସେନା କାରଗିଲ ବିଜୟ କରିବାକୁ ସଫଳ ହୋଇଥିଲା । ପାକିସ୍ତାନ ସହ ହୋଇଥିବା ଏହି ଯୁଦ୍ଧରେ ଅନେକ ବୀର ସୈନିକ ମାତୃଭୂମିର ସୁରକ୍ଷାରେ ପ୍ରାଣବଳି ଦେଇଥିଲେ । ସେହି ବୀର ମହାତ୍ମାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ପୂର୍ବକ ଆଜି ସ୍ଥାନୀୟ ଅବସରପ୍ରାପ୍ତ ସୈନିକ ସଂଘର କାର୍ଯ୍ୟାଳୟରେ ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ଶଭା ଅନୁଷ୍ଠିତ ହୋଇଯାଇଛି । ସକାଳୁ ପ୍ରଥମେ ସ୍ଥାନୀୟ ପୁଇଁତଲା ବ୍ଲକ ନିର୍ବଚନ ଗାଁର ସହିଦ ହେମନ୍ତ ନାୟକ, ଲୋଇସିଂହା ବ୍ଲକ କୁଟୁରାପାଲି ଗାଁର ସହିଦ ସମିର ଜାଲ ଓ ବଲାଙ୍ଗିର ବ୍ଲକ ଶିବତଲା ଗାଁର ସହିଦ କିଶୋର ମଲ୍ଲିକଙ୍କ ଫଟୋ ଚିତ୍ରରେ ଅତିଥି ଓ ଅବସର ପ୍ରାପ୍ତ ସୈନିକମାନେ ପୁଷ୍ପ ଅର୍ପଣ କରିବା ସହିତ ଦେଶ ତଥା ସହିଦଙ୍କ ଜୟଗାନ କରିଥିଲେ । ପୁର୍ବତନ ସୈନିକ ସଂଘର ସଭାପତି ବିଭୁତି ଭୂଷଣ ପାଣିଗ୍ରାହିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଉପ ଜିଲ୍ଲାପାଳ ସଂଜୟ କୁମାର ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବଲାଙ୍ଗିର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପ, ପିଡବ୍ଲୁଡି ଏସଡିଓ ମନୋଜ ମହାନନ୍ଦ, ତହସିଲଦାର ଲଲାଟ ଚନ୍ଦ୍ର ଲୁହା, ଟାଉନ ଥାନା ଅଧିକାରୀ ସଙ୍ଗ୍ରାମ କେଶରୀ ପଟ୍ଟନାୟକ, ସଦର ଥାନା ଅଧିକାରୀ ତୋଫାନ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କାରଗିଲ ଲଢେଇ ସମୟକୁ ମନେ ପକାଇବା ସହିତ ଦେଶ ପାଇଁ ବୀର ଜବାନଙ୍କ ମହାନ ବଳିଦାନ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଜେଡି ନେତା ଅଜୟ ଦାଶ ଓ ବିଜେପି ନେତା ଗୋପାଲଜୀ ପାଣିଗ୍ରାହୀ ଯୋଗ ଦେଇ ସହିଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଶେଷରେ ସଂଘର ସଂପାଦକ ପ୍ରତାପ ରଥ ସହିଦ ସୈନିକମାନଙ୍କ ପରିବାର ସଦସ୍ୟଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ଉକ୍ତ ସମାସ୍ୟାଗୁଡ଼ିକ ପ୍ରତି ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିଥିଲେ । ଭାରତମାତାଙ୍କ ଜୟଗାନ ସହ ସଭା ସାଙ୍ଗ ହୋଇଥିଲା ।



# ଅସହାୟ ବିଧବା ଓ ମହିଳା ଏସଏଚଜି ଗ୍ରୁପଙ୍କୁ ସିଲେଇ ମେସିନ ବାଂଟିଲେ କଳିକେଶ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଶୈଳଶ୍ରୀ ପେଲେସଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସହର ତଥା ଆଖପାଖ ଅଂଚଳର ଅସହାୟ ବିଧବା ଓ ମହିଳା ଏସଏଚଜି ଗ୍ରୁପଙ୍କୁ ପୂର୍ବତନ ଲୋକସଭା ସାଂସଦ କଳିକେଶ ସିଂଦେଓ ୫୦ ଗୋଟି ସିଲାଇ ମେସିନ ବଂଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ମହିଳାମାନଙ୍କୁ ସିଲାଇ ମେସିନ ବଂଟନ କରିବା ସହ ଶ୍ରୀ ସିଂଦେଓ କହିଥିଲେ ଯେ, ବର୍ତ୍ତମାନ କରୋନା ପରିସ୍ଥିତିରେ ଗରିବ ଶ୍ରେଣୀର ମହିଳାମାନେ ନିଜର ରୋଜଗାର ହରାଇ ବସିଛନ୍ତି । ଲକଡାଉନ ଯୋଗୁଁ ଏମାନଙ୍କ ଜୀବିକା ଠପ୍ ହୋଇଯାଇଛି । ଫଳରେ ତାଙ୍କର ଆର୍ଥିକ ଅବସ୍ଥା ସଂପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ଏମାନେ ଗୁଡାଏ ଅଭାବ ଅସୁବିଧାରେ କାଳାତିପାତ କରୁଛନ୍ତି । ଏହି ସିଲାଇ ମେସିନ ଜରିଆରେ ସେମାନେ ବଜାରରେ ଏହି ସମୟର ଆବଶ୍ୟକତା ଅନୁଯାୟୀ ମାସ୍କ, କପଡା ବ୍ୟାଗ ଇତ୍ୟାଦି ତିଆରି କରିବା ସହିତ ଏହାକୁ ବିକ୍ରି କରି ନିଜର ପରିବାର ଭରଣ ପୋଷଣ କରି ସ୍ୱାବଲମ୍ବୀ ହୋଇପାରିବେ । ନିଜସ୍ୱ ଚେଷ୍ଟାରେ ଆମେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣଙ୍କୁ ଏହି ସିଲାଇ ମେସିନ ବଂଟନ କରୁଛୁ । ବିଭିନ୍ନ ପର୍ଯ୍ୟାୟରେ ସହରରେ ଥିବା ଅନ୍ୟ ଅସହାୟ ମହିଳାଙ୍କୁ ମଧ୍ୟ ବଂଟନ କରାଯିବ ।

ସୁଚନା ଯୋଗ୍ୟ ଯେ, କାର୍ଯ୍ୟକ୍ରମ ଆରମ୍ଭରୁ କଳିକେଶଙ୍କୁ ଦଳର ରାଜ୍ୟ ସାଧାରଣ ସଂପାଦକ ବିବେଚିତ ହେବା ନେଇ ଦଳିୟ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଭିନ୍ନ ମହିଳା ଗୋଷ୍ଠୀ ଦ୍ୱାରା ବିଶେଷ ରୂପେ ଅସହାୟ ବିଧବା ମହିଳା ଓ ଏସଏଚଜି ଗ୍ରୁପର ଏକ ତାଲିକା ଅନୁସାରେ ମହିଳାଙ୍କୁ ସିଲାଇ ମେସିନ ବଂଟନ କରାଯାଇଥିଲା । ସିଲାଇ ମେସିନ ପାଇ ମହିଳାମାନେ ବେଶ ଉପକୃତ ହୋଇଥିବା କହିଥିଲେ । ଏଠାରେ ପ୍ରକାଶ ଥାଉ କି କଳିକେଶ ସାଂସଦ ଥିବା ସମୟରେ ମଧ୍ୟ ପ୍ରାୟ ୫୦୦ ମହିଳାଙ୍କୁ ସିଲାଇ ମେସିନ ପ୍ରଦାନ କରିଥିଲେ । ସେହିପରି କିଛି ଦିନ ପୂର୍ବରୁ ମଧ୍ୟ ସ୍ଥାନୀୟ ହାତୀଶାଳପଡା କନ୍‌ଟେନ୍‌ମେଂଟ୍ ଜୋନବାସୀଙ୍କୁ ମଧ୍ୟ ନିଜସ୍ୱ ଉଦ୍ୟମରେ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ତେବେ ଏହି ମହାମାରୀ ସମୟରେ କେବଳ ସରକାରୀ ଉଦ୍ୟମ ଯଥେଷ୍ଟ ହୋଇନପାରେ । ତେଣୁ ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ନିଜସ୍ୱ ଉଦ୍ୟମରେ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ଆହ୍ୱାନ କରିଛନ୍ତି କଳିକେଶ । ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଜୟରାମ ମିଶ୍ର, ଅଶୋକ ମହାନ୍ତି, କୈଳାସ ମହାନ୍ତି, ଓଙ୍କାର ନାୟକ, ନରସିଂହ ବାଗ, ଧ୍ରୁବ ଯୁଏଡ, ଭଗବାନ ବର୍ଗର୍ଡ଼, ମହେନ୍ଦ୍ର ବାଗ, ସଂଜୀବ ମିଶ୍ର, ଶିବ ବେହେରା, ରାମ ନାଏକ, ମୁନୁ ପୋଢ଼, ମୁନା ଖାନ, ଭାରତ ପୁରୋଷଠ, ବିନୁ ଶତପଥି, ସନ୍ତୋଷ ଦତ୍ତା, ରାଜେନ୍ଦ୍ର ହୋତା, ସରଜିବ ନାଥ, ବିଜୟ ବାବୁ, ଆଶିର୍ବାଦ ସାହୁ, ବୁଲୁ ବେହେରା, ବାସନ୍ତି ସିଂ ବୁଡେକ ଓ ବିଭୁତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ମାସ୍କ ପିନ୍ଧନ୍ତୁ, ବାରମ୍ବାର ସାବୁନରେ
ହାତ ଧୁଅନ୍ତୁ, ସାମାଜିକ ଦୂରତା
ରକ୍ଷା କରନ୍ତୁ...
କରୋନା ସଂକ୍ରମଣରୁ
ରକ୍ଷା ପାଆନ୍ତୁ ।

ନିଜ ସୁରକ୍ଷା
ନିଜ ହାତରେ ।

## ସାମ୍ବାଦିକ ସଂଘ କଂଟାବାଂଜି କର୍ମକର୍ତ୍ତା ଚୟନ : ରୌପ୍ୟ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି

କଂଟାବାଂଜି, (ନିପ୍ର) : ବଲାଙ୍ଗିର ଜିଲ୍ଲାର ସର୍ବପୁରାତନ ଦ୍ୱିତୀୟ ପଂଜିକୃତ ସାମ୍ବାଦିକ ସଂଘ କଂଟାବାଂଜିର ୨୦୨୦-୨୧ ବର୍ଷର କର୍ମକର୍ତ୍ତା ଚୟନ ଗତ ବୁଧବାର ଦିନ ସ୍ଥାନୀୟ ପିଡବ୍ଲୁଡି ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସୁବାଷ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ସଂଘର ପ୍ରତିଷ୍ଠାତା ସଭ୍ୟ ଡଃ. ସଂଜୟ କୁମାର ମିଶ୍ରଙ୍କ ଦ୍ୱାରା ୨୦୨୦-୨୧ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଛି । ଏହି ସଭାରେ କାର୍ଯ୍ୟକାରୀ ସଭାପତି ଭାବେ ଜୀବନାନନ୍ଦ ମହାନ୍ତି, ସାଧାରଣ ସଂପାଦକ ଭାବେ ଗୁରୁଦୟାଲ ହଂସ, ଉପସଭାପତି ରାଜୀବ କୁମାର ସଗରିଆ, ଅଭିମନ୍ୟୁ ବୋହିଦାର, ସହ ସଂପାଦକ ଶିବଶଙ୍କର ବାଗ, କୋଷାଧ୍ୟକ୍ଷ ମୋହନ ସୋନି, ଲାଇବ୍ରେରିୟାନ ବିଭୁତି ଭୂଷଣ ଦାସ ସହ କାର୍ଯ୍ୟକାରୀ ସଭ୍ୟ ଭାବେ ଶୁକଦେବ ମହାନ୍ତି, କୃତିକର ବାଗ, ହୁଲେଶ୍ୱର ହଂସ, ଅନ୍ତିମ କୁମାର ପାଣିଗ୍ରାହୀ, ବିମଳ କୁମାର ଦାସ, ସୁଶାନ୍ତ କୁମାର ଥାନାପତି, ଶେଖ ସମିମ, ଅଶୋକ ନାରାୟଣ ବୋହିଦାର, ରାଧେଶ୍ୟାମ ମେହେର, ଶାନ୍ତନୁ ବିଭାର, କୁଶଳ ଠାକୁର ଉପଦେଷ୍ଟା ଭାବେ ଡଃ ସଂଜୟ କୁମାର ମିଶ୍ର, ମୌଜ ଆଧାର ଶର୍ମା ଆଇନ ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ସଂଜୟ କୁମାର ନାଥଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ।

ସଂଘ ପ୍ରତିଷ୍ଠା ହେବାର ୨୫ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ କରିବା ନେଇ ଏକ ପ୍ରସ୍ତାବ ମଧ୍ୟ ଏଠାରେ ଆଗତ ହୋଇଛି ।



### ଅଯୋଗ୍ୟ ହିତାଧିକାରୀଙ୍କଠାରୁ କାଳିଆ ଟଙ୍କା ଫେରସ୍ତ ତାଲିକା ପ୍ରସ୍ତୁତ ଘଟଣା

# ଫେରସ୍ତ ପାଇଁ ଚାଷୀ ଏବେ କେଉଁଠୁ ପାଇବେ ଟଙ୍କା : ଡା. ପରିଚ୍ଛା

ବଲାଙ୍ଗିର, (ନିପ୍ର) : ଅଯୋଗ୍ୟ ହିତାଧିକାରୀଙ୍କଠାରୁ କାଳିଆ ଟଙ୍କା ଫେରସ୍ତ ପାଇଁ ଚିହ୍ନଟ ତାଲିକା ପ୍ରକାଶ ପରେ ଏବେ ଚାଷୀମାନେ ଚିନ୍ତାରେ ପଡ଼ିଥିବା ବେଳେ ଚାଷବାସର ସମୟରେ ଫେରସ୍ତ ପାଇଁ ଚାଷୀ ଏବେ କେଉଁଠୁ ପାଇବେ ଟଙ୍କା ବୋଲି ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ସଭାପତି ଡା. ସୁଧୀର ପରିଚ୍ଛା କହିଛନ୍ତି । ସୂଚନାଯୋଗ୍ୟ ଯେ, ସରକାରଙ୍କ କାଳିଆ ଟଙ୍କା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହେବା ପରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏ ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ଆକ୍ଷେପ କରୁଛନ୍ତି ଚାଷୀନେତା ସମୂହ । ଆଇନର ଆଳରେ ନିରୀହ ଚାଷୀମାନଙ୍କଠାରୁ ସରକାର ଟଙ୍କା ଆଦାୟ କରିବାକୁ ମସୁଧା କରୁଥିବା ସେମାନେ ଆକ୍ଷେପ ଆଣୁଛନ୍ତି । ତେବେ ଏ ବିଷୟରେ ମତ ଦେଇ ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ସଭାପତି ଡା. ପରିଚ୍ଛା କରିଛନ୍ତି, ୨୦୧୯ରେ ନିର୍ବାଚନ ପୂର୍ବରୁ ଚାଷୀମାନଙ୍କୁ ସହଯୋଗର ହାତ ବଢ଼େଇବା କଥା କହି ସରକାର କାଳିଆ ଟଙ୍କା ପ୍ରଦାନ କରିଥିଲେ । ସେହି ଯୋଜନାରେ କେତେ ଚାଷୀ ପାଇଲେ, ଆହୁରି ଅନେକ ବାକି ରହିଗଲେ ମଧ୍ୟ । ତେବେ ଟଙ୍କା ଦିଆଯିବାର ଗୋଟିଏ ବର୍ଷ ପରେ ସରକାର ଟଙ୍କା ଫେରସ୍ତ ନେବା ପାଇଁ କରିଥିବା ଯୋଜନା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ସେ କଠୋର ଭାବେ ପ୍ରକାଶ କରିଛନ୍ତି ଯେ, ଚାଷୀମାନଙ୍କୁ ଲୁଟ୍ କରିବା ସରକାର ବନ୍ଦ କରନ୍ତୁ । ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀମାନଙ୍କୁ କୃଷକୀ ଶ୍ରମିକର ମାନ୍ୟତା ଦେଇ ପାରିନଥିବା ବେଳେ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ସାମାନ୍ୟ ମଧ୍ୟ



ସଚେତନ ନୁହଁନ୍ତି । ନିର୍ବାଚନ ବୈତରଣୀ ପାର ହେବା ପାଇଁ ରାଜ୍ୟ ସରକାର ଚାଷୀମାନଙ୍କୁ କାଳିଆ ଯୋଜନା ମାଧ୍ୟମରେ ଭୁଆଁ ବୁଲାଇଥିଲେ ବୋଲି ଡା. ପରିଚ୍ଛା ମତ ଦେଇଛନ୍ତି । ସାରା ରାଜ୍ୟରେ ୫୧ ହଜାର ଅଯୋଗ୍ୟ ଚାଷୀ ରହିଥିବା ସରକାର କହୁଥିବା ବେଳେ ଯେଉଁ ସରକାରୀ କର୍ମଚାରୀମାନେ କାଳିଆ ଟଙ୍କା ପ୍ରଦାନ ବେଳେ ଚାଷୀମାନଙ୍କ ଲିଷ୍ଟ ପ୍ରସ୍ତୁତ କରିଥିଲେ ସେମାନଙ୍କଠାରୁ ଏହି ଟଙ୍କା ଆଦାୟ କରାଯାଉ ବୋଲି ସେ କହିଛନ୍ତି । ଏହି ଘଟଣାରେ ଦାୟୀ କିଏ ବୋଲି ପଚରାଯିବାରୁ ସେ କହିଛନ୍ତି ଯେ, ପ୍ରଥମେ ସଚିବମାନେ ହିଁ ଦାୟୀ । ସେମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ଚାଷୀମାନେ ବର୍ତ୍ତମାନ ସୁଦ୍ଧା ବୀମା ଟଙ୍କା ପାଇ ନଥିବା ବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଏ କ୍ଷେତ୍ରରେ ବିଫଳତା ଭରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ଏ ଜିଲ୍ଲାରେ ଚାଷୀ ପ୍ରତ୍ୟହ ନାନା ପ୍ରକାର ସମସ୍ୟା ଦେଇ ଗତି କରୁଛି । ତାର ଦୁଃଖ ଲାଘବ କରିବା ଛାଡ଼ି ସରକାର ଏବେ ପୁଣି ଦାଉ ସାଧିବାକୁ ଆଗଭର ହେଉଛନ୍ତି । ଜିଲ୍ଲାପାଳ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି ।

ଗପଟିଏ



# ଏମାନେ ବୁଝୁନାହାନ୍ତି କାହିଁକି ଯେ...



## ପ୍ରିୟମ୍ବଦା ରଥ

'ମମି, ଏ ମମି, ମୋତେ ଡରେଇବାକୁ ଲୁଚିଛୁ ନା ? ଆଜି ତୁ ହୋ କଲେ ବି ମୁଁ ଆଉ ଡରିବିନି । ଜଲଦି ବାହାର, ଦେଖ୍ ଆଜି ମୁଁ ଦୁଇ ହାତରେ ଷ୍ଟାର ପାଇଛି ।'

ନାଇଁ, ଆଜି ମମି ଲୁଚି ନଥିଲା । ବାଲକୋନିକୁ ଲୁଗା ଆଣିବାକୁ ଯାଇଥିଲା । ସବୁଦିନ ପରି ମୋତେ କୁଣ୍ଢେଇ ଧରିଲା । ମୋ ଦୁଇ ହାତ ଦେଖି ଭାରି ଖୁସି ହେଲା । କ'ଣ ପାଇଁ ଷ୍ଟାର ପାଇଛି ବୋଲି ପଚାରିଲା । କ'ଣ ପାଇଁ ଆଉ ପାଇବି । ଗୋଟେ କଲର ପାଇଁ, ଆଉ ଗୋଟେ ମିସିଂ ଲେଟର ପାଇଁ । ବୁଝିପାରୁନି ! ! ସ୍ନିଗ୍ଧା ମାମ୍ ଆଜି ଟିକେ ବଡ଼ ଷ୍ଟାର ଦେଇଛନ୍ତି, ମୋ ଷ୍ଟାର ଦେଖି ମଧୁସ୍ମିତା ମୋତେ ଜିଭ ଦେଖେଇ ଏଁ ଏଁ କଲା । ଏମିତି କାହିଁକି କଲା ଯେ ! ସେ ବି ତ ଷ୍ଟାର ପାଏ । ପ୍ରିୟଙ୍କା, ପ୍ରିୟାଂଶୀ, ଦେବାଂଶୀ, ରେୟାନ୍, ସମସ୍ତେ କେବେ କେବେ ପାଆନ୍ତି ।

ରେୟାନକୁ ଛାଡ଼ି ଏମାନେ ସମସ୍ତେ ମୋ ଫ୍ରେଣ୍ଡ । ରେୟାନ ମୋତେ ମୋଟେ ଭଲ ଲାଗେନି । ସେଦିନ ମୋ ଡାଏରୀ ନେଇ ଡଷ୍ଟବିନ୍‌ରେ ପକେଇ ଦେଇଥିଲା । ଘରକୁ ଫେରିଲା ପରେ ମମି ମୋ ବ୍ୟାଗ ଦେଖି ଡାଏରୀ ପାଇଲାନି । ତା' ପରଦିନ ଜେଜେ ମୋତେ ସ୍କୁଲରେ ଛାଡ଼ିଲାବେଳେ ଆୟା ଆଣ୍ଟିଙ୍କୁ କହିଲେ । ମାମ୍ ଖୋଜି ଖୋଜି ଡଷ୍ଟବିନ ଭିତରୁ ମୋ ଡାଏରୀ ପାଇଲେ । ରେୟାନ ଏମିତି କାହିଁକି ମୋ ସହିତ କରେ ଯେ ! ମୋ ବ୍ୟାଗରେ ପାଣି ବି ଢାଳିଦିଏ । ସେ କାହିଁକି ବୁଝିପାରୁନି ଯେ, ଏମିତି କଲେ ମୁଁ ଘରେ ଗାଳି ଖାଉଛି ବୋଲି । ମାମା, ବାପା ଦିହେଁ ଗାଳି ଦେଉଛନ୍ତି । ମାମ୍‌ଙ୍କୁ କମ୍ପ୍ଲେନ୍ କର ବୋଲି କହୁଛନ୍ତି । ମୁଁ ତ କରୁଛି । ମାମ୍ ତ ରେୟାନକୁ ଗାଳି ଦେଉଛନ୍ତି । ମାମା, ବାପା ବୁଝୁନାହାନ୍ତି କାହିଁକି ଯେ !

ସ୍ନିଗ୍‌ଧା ମାମ୍ ମୋତେ ମୋଟେ ଗାଳି ଦିଅନ୍ତିନି । ମୋ ଗାଲକୁ ଧିରେ ଧିରେ ଚିପି ଦିଅନ୍ତି । ମୋତେ ରସଗୋଲା ଆଉ ଗୁପ୍‌ଚୁପ୍ ବୋଲି ଡାକନ୍ତି । ମମି ମୋତେ ସ୍କୁଲକୁ କେବେ କେବେ ଆଣିବା ପାଇଁ ଗଲେ, ମମି ସାଙ୍ଗେ ମାମ୍ କ'ଣ ସବୁ ମୋ ବିଷୟରେ ଇଂଲିସରେ କଥା ହୁଅନ୍ତି । ମାମ୍ ହସି ହସି କ'ଣ କହନ୍ତି । ତାଙ୍କ କଥା ଶୁଣି ମମି ଭାରି ଖୁସି ହୋଇଯାଏ । ମୋତେ ପାପୁ କରି କରି ବାହାର ଯାଏ ଆସେ । ବାହାରେ ଜେଜେ ଠିଆ ହୋଇଥାନ୍ତି । ମମିଠୁ ମୋତେ ନେଇଯାଆନ୍ତି । ଆମେ କାର୍‌ରେ ଘରକୁ ଆସୁ ।

ମଧୁସ୍ମିତା ଭ୍ୟାନରେ ଯାଏ । ମୋର ବି ଇଚ୍ଛା ଭ୍ୟାନରେ ଯାଆନ୍ତି । ମାମା, ବାପା କହନ୍ତି, ହେଃ, ଭ୍ୟାନରେ କ'ଣ ଯିବୁ । ଘର ତ ପାଖରେ । ଜାଣିଛୁ ନା । ଭ୍ୟାନରେ ଗଲେ ଘରେ ସବା ଲାଷ୍ଟରେ ପହଞ୍ଚିବୁ । କ'ଣ ହେଇଗଲା ସେଇଠୁ । ଲାଷ୍ଟରେ ପହଞ୍ଚିବି ତ ପହଞ୍ଚିବି । କାହିଁକି ବୁଝନ୍ତିନି ଏମାନେ ଯେ ଭ୍ୟାନରେ ଗଲେ କି ମଜ୍ଜା ! !

ମଧୁସ୍ମିତା ବହୁତ କମେଡ଼ି କରେ । ତା'ର ଗୋଟେ ଦାନ୍ତ ଭାଙ୍ଗିଯାଇଛି । ମୋର ବି ଦାନ୍ତ ଭାଙ୍ଗିବ ବୋଲି ବାପା କହୁଥିଲେ । କେବେ ଭାଙ୍ଗିବ କେଜାଣି । ପ୍ରିୟଙ୍କା, ପ୍ରିୟାଂଶୀ କାହାର ବି ଦାନ୍ତ ଭାଙ୍ଗିନି । ମଧୁସ୍ମିତା ଏଡ଼େ ଛୋଟଟେ, ତା'ଦାନ୍ତ ଆଗ କାହିଁକି ଭାଙ୍ଗିଲା ଯେ ! ମଧୁସ୍ମିତା ମୋ ସାଙ୍ଗେ ବେଶୀ ଗପେ । ମୁଁ ମମିକୁ ମମି କାହିଁକି ଡାକୁଛି ବୋଲି କହୁଛି । କହୁଛି କ'ଣ ନା, ସେ ତ ତୋ ଗ୍ରାନି, ତୁ ମମି କାହିକି ଡାକୁଛୁ ? ମା' ଡାକୁନୁ । ଆରେ ମୁଁ ମା' କେମିତି ଡାକିବି । ବାପା ଆଉ ମାମା ମମିକୁ ମା' ବୋଲି ଡାକନ୍ତି ପରା । କେମିତି ବୁଝିପାରୁନି ଏ ମଧୁସ୍ମିତା । ମୁଁ ତ ମମିକୁ ନାନୀ ବି କହେ । କାହିଁକି କହିବିନି ଯେ – ସମସ୍ତେ ତ ମମିକୁ ନାନୀ ବୋଲି ଡାକୁଛନ୍ତି – ବାପା, ମାମା, ଆଉ ଜେଜେଙ୍କୁ ଛାଡ଼ି । ଅଜା, ଆଇ, ମାମୁଁ ଅଜା, ମାଇଁ ମାମା ମାନେ ସମସ୍ତେ ।

ଆଜି ବି ପ୍ରିୟଙ୍କା ସ୍କୁଲକୁ ଆସିନି । ଫାଇଭ, ନାଇଁ ନାଇଁ ସେଭେନ୍ ଡେ' ହେଲା ସେ ସ୍କୁଲକୁ ଆସୁନି । ମୋତେ ବି ଦିନେ ଦିନେ ସ୍କୁଲ ଯିବାକୁ ଇଚ୍ଛା ହୁଏନି । ହେଲେ ଏ ମାମା, ସବୁଦିନ ସକାଳୁ ଉଠେଇ ଦେବ, ଆଉ ରେଡି କରିଦବ । ଆଜି ଯିବି କହିଲେ କହିବ, ହେଃ, ଆବ୍‌ସେଣ୍ଟ ହେଲେ ମାମ୍ ଡାଏରୀରେ ଲେଖିଦେବେ । ପ୍ରିୟଙ୍କା ତ ଆସୁନି ତା'ର ବି ତ ଡାଏରୀରେ ମାମ୍ ଲେଖିଦେବେ । ଆଉ ମୋର ଲେଖିଲେ କ'ଣ ହୋଇଯିବ, ଏ ମାମା ନାଁ, ଜମା ବୁଝେନି, ମୋତେ ଟିକେ ବେଶୀ ଶୋଇବାକୁ ଭଲ ଲାଗେ ବୋଲି । ମାମା ପାର୍କରେ ବି ସେମିତି ମୋତେ ବାଲିରେ ଖେଳିବାକୁ ଦିଏନି, ଖେଳିବି କହିଲେ କହିବ ନାଁ, ନାଁ, ଦେହସାରା ବାଲି ହେବ, ତତେ ସନ୍ଧ୍ୟାରେ ପୁଣି ଗାଧେଇବାକୁ ପଡ଼ିବ । ବେଶୀ ଗାଧେଇଲେ ଥଣ୍ଡା ହେବ । ଥଣ୍ଡା କାହିଁକି ହେବ ଯେ । ମମି ସାଙ୍ଗେ ପାର୍କକୁ ଆସିଲେ ବାଲି ଖେଳିଲେ ସେ ତ ମନା କରେନି । ବାଲି ଭିତରେ ପାଦ ପୂରେଇ ଘର, ଇଗ୍‌ଲୁ, ମନ୍ଦିର ତିଆରି କଲେ କେତେ ମଜା ଲାଗେ । ବାଲି ଏମିତି ଉପରକୁ ଫିଙ୍ଗିଲେ ବି ମସ୍ତ ଲାଗେ । ସେତେବେଳେ ମୁଁ ଘରକୁ ଫେରିଲେ ଉଷୁମ ପାଣିରେ ସାବୁନ ଲଗେଇ ଗାଧାଏ । କାଇଁ, ଥଣ୍ଡା ତ ହୁଏନି । ମୋଟେ ବୁଝିବନି ଏ ମାମା । ସବୁ କଥାରେ ଖାଲି ନାଇଁ, ନାଇଁ, ନାଇଁ ।

ଟି.ଭିରେ ଟିକେ ଡେରି ରାତି ଯାଏଁ ମ୍ୟାଡ୍ ଦେଖିବି କହିଲେ ବି ମାମା, ବାପା ଦି'ଜଣ ମନା କରନ୍ତି । କହନ୍ତି – ଶୀଘ୍ର ଶୋ, ଶୀଘ୍ର ସକାଳୁ ଉଠିବୁ । ଆରେ ମ୍ୟାଡ୍ ଦେଖିଲେ ସିନା ନୂଆ ନୂଆ ଜିନିଷ ତିଆରି କରିବା ଶିଖିପାରିବି । ମିଷ୍ଟର ମେକର ଦେଖିଲେ ସିନା କଲର୍ କରିବା ଶିଖିବି । କିଛି ବୁଝିପାରୁ ନାହାନ୍ତି । ଏତେଗୁଡ଼େ କଲର୍ କିଣିଛି । ତାକୁ ପୁଣି ସାରିବି ନା । ଭଲ କଲର୍ କଲେ ପୁଣି ବଡ଼ ଷ୍ଟାର ମାମ୍ ଦେବେ ନା, ଡ୍ରଇଂ ଖାତାରେ ବ୍ରସରେ ୱାଟର କଲର୍ ନେଇ ବେଶୀ ବେଶୀ ସିନେରି, ଫ୍ଲାୱାର ସବୁ କରିବାକୁ ଇଚ୍ଛାହୁଏ । ବୋତଲରୁ କଲର କାଢ଼ିଲାବେଳେ ତଳେ ଟିକେ ଟିକେ ପଡ଼ିଯାଏ । ସେତେବେଳେ ସମସ୍ତେ ମୋତେ ରାଗନ୍ତି । ଏମିତି କଲର୍ ସବୁ କାହିଁକି ନଷ୍ଟ କରୁଛୁ ବୋଲି ପାଟି କରନ୍ତି । ଆରେ ନଷ୍ଟ କଲି କେତେବେଳେ, କାଢୁ କାଢୁ ଟିକେ ପଡ଼ିଗଲା, କ'ଣ ହେଇଗଲା ସେଇଠୁ । କଲର୍ ନ ସାରିଲେ ପୁଣି ନୂଆ କଲର୍ କେମିତି କିଣିବି ଯେ, – କିଛି ବୁଝୁନାହାନ୍ତି ଏମାନେ ।

ସୋନି ଦିଦି ପାଖରେ ଏତେଗୁଡ଼େ ବ୍ରସ ଅଛି । କଲର୍ ବି ତ ବହୁତ ଅଛି ବୋଲି କହୁଥିଲା । ସୋନି ଦିଦି ଆମ ସାମନା ଘରେ ରହେ । ମାମା କହେ ସେ ମୋଠୁ ବଡ଼ । ହେଲେ ସେ ମୋତେ ବହୁତ ଭଲ ପାଏ । ମୋ କିଚେନ ସେଟ୍, ମୋ ବ୍ଲକ୍ ସବୁ ନେଇ ଆମେ ଦି'ଜଣ ଖେଳୁ । ମୋ କଲର୍ ବି କାଢ଼ିବାକୁ ସେ କହେ । ତା ସାଙ୍ଗେ ଖେଳିଲେ ମୋତେ ମଜା ଲାଗେ । ହେଲେ କ'ଣ ହବ । ଟିକେ ଖେଳିଲା ପରେ ସେ ଘରକୁ ଯିବ ବୋଲି କହେ । ମୁଁ କିନ୍ତୁ ମନାକରେ । ତାକୁ ଆଉ ଗୋଟେ କଲର୍ ଡବା କାଢ଼ି ଦେଇଦିଏ । ପୁଣି ଆମେ କଲର୍ କରୁ, ଆଉ ଖେଳୁ । ତା' ଜେଜେମା' ଡାକିଲା ଯାଏ ଆମେ ଖେଳୁଥାଉ । ସୋନି ଦିଦିର ମାମା, ବାପା ବି ଅଫିସ ଯା'ନ୍ତି, ମୋ ମାମା, ବାପା ପରି । ପ୍ରିୟଙ୍କାର ମାମା କିନ୍ତୁ ଘରେ ରହନ୍ତି, ସବୁବେଳେ । ମୋ ମାମା ବି ସେମିତି ଘରେ ରହନ୍ତା କି, ସବୁବେଳେ । ଯେତେବେଳେ ଚାହିଁଲେ ମୁଁ ତାକୁ ପାଇଯାଆନ୍ତି । ମୋ ମାମା ମୋ ପାଖରେ ଥିଲେ ମୋତେ ବହୁତ ଭଲ ଲାଗେ । ବାପା, ମାମା ଦି'ଜଣ ଥିଲେ ତ ଆହୁରି ମଜା ଲାଗେ । ବାପା ମୋତେ ବେଳେବେଳେ ରାଗନ୍ତି ସିନା, ମୋତେ କିନ୍ତୁ ବାପାଙ୍କୁ ଦେଖିଲେ ଖୁସି ଲାଗେ । ତାଙ୍କ ସାଙ୍ଗେ ଖେଳିବାକୁ ବହୁତ ମଜା ଲାଗେ । କେମିତି ଜୋକର ଭଳିଆ ମୁହଁକୁ ସେ କରନ୍ତି ଯେ ! ସୋନି ଦିଦି ଆମ ଘରକୁ ଆସିଲେ କିନ୍ତୁ ବାପା ସେମିତି ମୁହଁ କରନ୍ତିନି । ମୁଁ ଆଉ ସେ ଏକୁଟିଆ ଖେଳିଲା ବେଳେ ଏମିତି ଜୋକର ଭଳିଆ ହେଉ ।

ଆମ ଆପାର୍ଟମେଣ୍ଟରେ ସମସ୍ତେ ମୋତେ ଗେଲ କରନ୍ତି । ହେଲେ ସେମାନେ ସମସ୍ତେ ମୋ ନିଜ ନାଁରେ କାହିଁକି ଡାକନ୍ତିନି ଯେ । କିଏ ଡାକୁଛି ପ୍ରିନ୍‌ସେସ୍ ବୋଲି, କିଏ କହୁଛି ଛୁଟ୍‌କୀ – ଆଉ ସେ ସାମ୍‌ନା ଦୋକାନର ପଟ୍ଟନାୟକ ଜେଜେ ତ ସବୁବେଳେ ଡାକିବେ କଣ୍ଢେଇ ବୋଲି । ମୁଁ କ'ଣ କଣ୍ଢେଇ ? କଣ୍ଢେଇ କ'ଣ ମୋ ପରି କଥା କହିପାରୁଛି ? ସ୍କୁଲ ଯାଉଛି ? ସାଇକଲ୍ ଚଲେଇ ପାରୁଛି ? ହେଲେ ମୁଁ କଣ୍ଢେଇ କେମିତି ହେଲି ଯେ ? ଧେତ୍, ଏ ପଟ୍ଟନାୟକ ଜେଜେ ବୁଝିପାରୁ ନାହାନ୍ତି, ମୁଁ କଣ୍ଢେଇ ନୁହେଁ ମୁଁ ପରା ନିରୁନ୍ ! !

ଏବେ ମୋର ଟିକେ ଇଚ୍ଛା ହେଉଛି ଟିଚର୍, ଟିଚର୍ ଖେଳିବା ପାଇଁ । ଥାକରୁ ମାଗାଜିନ୍ କାଢ଼ି ଏଇ ରୁମ୍‌ରେ ଯୋଉ ମିଛି ମିଛିକା ପିଲାମାନେ ଅଛନ୍ତି ତାଙ୍କୁ ବାଣ୍ଟିବାକୁ ପଡ଼ିବ । ହେଲେ କ'ଣ ହେବ । ମାମା, ବାପାଙ୍କର କଲେଜରୁ ଫେରିବା ଟାଇମ୍ ହେଇଗଲାଣି । ଘର ସାରା ଏମିତି ବହିଖାତା କାହିଁକି ଫୋପାଡ଼ିଛୁ ବୋଲି ପୁଣି ଗାଳିଦେବେ । ମୋର ଯେତେବେଳେ ଯାହା ମନ ହଉଛି କରିବାକୁ ଏମାନେ କାହିଁକି ଦେଉନାହାନ୍ତି ଯେ । ମୋର ତ ବହୁତ ବହୁତ ଗାଧେଇବାକୁ ମନ ହୁଏ, ବେଶୀ ସମୟ ଯାଏଁ ପାର୍କରେ ବାଲି ଖେଳିବାକୁ ଇଚ୍ଛା ହୁଏ, ବହୁତ ଡେରି ଯାଏଁ ଶୋଇବାକୁ ଭଲଲାଗେ – ହେଲେ ଏ ମାମା, ବାପା, ମମି ଆଉ ଜେଜେ କାହିଁକି କରେଇ ଦିଅନ୍ତିନି ଯେ ? ? ?

ଫ୍ଲାଟ.ନଂ-୩୦୨,ଜଗନ୍ନାଥ ପାର୍କ ଏନ୍‌କ୍ଲେଭ
(ବୁଦ୍ଧପାର୍କ ନିକଟ) ନୀଳାଦ୍ରିବିହାର,
ଭୁବନେଶ୍ୱର-୨୧
priyambadaggg7@gmail.com


## ତୃପ୍ତିର ସନ୍ଧାନୀ

### ଡ. ମମତା ପ୍ରିୟଦର୍ଶିନୀ ସାହୁ



ତୃପ୍ତ ନୁହେଁ ଜୀବନର
ଅସରନ୍ତି ସମାବେଶ
ଯେଉଁଠି ରହିଛି ପୂରି
ମର୍ମାହତ ପରାଣ ପସରା
କିଏ ଏଠି ଚାଲିଯିବାକୁ ତର ତର
ତ' କିଏ ଫେରି ଆସୁଥାଏ ବାରବାର
ପୁଣି କିଏ ଶୁଝୁଥାଏ
ଜୀବନର ଯାବତୀୟ ଚୁକ୍ତି
ଅଂଧାରକୁ ଜମା ନାହିଁ ଡର ।

ଏ କେଉଁ ସ୍ଥିତିରେ ଉଭା
ଜୀବନ,
ବସ୍ତୁବାଦୀ ଆଶାମାନେ
କେତେଦୂର ସମର୍ଥ ଖଂଡ଼ିଉଡ଼ା ପାଇଁ !




ସଚରାଚରର ରଂଗମଂଚ ଏଇ
ଆଶା ଓ ନିରାଶାର ଖେଳ
ଶକ୍ତି ଓ ସାମର୍ଥ୍ୟର ମେଳ ।

ତଥାପି ଅଜଣା ଥାଏ
ଆସନ୍ତା ସକାଳ । ।

ଓଡ଼ିଆ ଅଧ୍ୟାପିକା
ବାଲିଶଙ୍କରା, ସୁନ୍ଦରଗଡ଼

କିଏ ଚଢୁଥାଏ ଚଢୁଥାଏ
ଆଉ କହେ ଚଢ଼ାଣି
କିଏ ଗଡୁଥାଏ ଗଡୁଥାଏ
ଆଉ କହେ ଗଡ଼ାଣି
ହେଲେ ରାସ୍ତା ତ'
ରାସ୍ତା ଇ ଥାଏରେ ଦେବାଶିଷ
ନା' ଚଢ଼ାଣି
ନା' ଗଡ଼ାଣି । ।



ଛନ୍ଦାଚରଣ ଆଚାର୍ଯ୍ୟ


## ଅପେକ୍ଷା

### ଶିବସୁନ୍ଦର ରାଉତ

ତମର ସେଇଠି ଶୋରିଷ ଫୁଟିଲେ
ମୋ ଘର ଯାଏଁ ଚାଲି ଆସୁଥିବା
ଶଙ୍ଖଂକୁ କହି ଦିଅନ୍ତନି
ମୁଁ ତୁମକୁ ଦେଇଥିବା ପ୍ରଶ୍ନର ଉତ୍ତର ।

ଚକ୍ରଧର ଚକ୍ରଧର ରଟୁଥିବା
ତମ ପିଂଜରାର ଶୁଆକୁ କହି ଦିଅନ୍ତନି
ତମ ମଧୁର ବ୍ୟଥା ଓ ଭିତିରି କଥା
ରଚି ଦିଅନ୍ତା ଥରେ
ଯାହା ପାରୁନାହିଁ କହି ।

ଆଉ ରୋକି ହେଉନି
ମୋ ପାଦର ଓ ଦେହର ଅସ୍ଥିରତା
ମନେନାହିଁ ଆଉ
ଭୋକ କି ନିଦର ସମୟ ବି
ଫିଟେଇ ଦିଅ ଦିନେ ନା ଦିନେ
ମୋ' ପାଇଁ
ଫିଟିବାକୁ ଥିବା ଦରଜା
ଫୁଙ୍କିଦିଅ ପବନରେ
ଫୁଃ କରି ଯେତେସବୁ
ଅହେତୁକ ଭାବନାମାନଙ୍କୁ




ବିଶ୍ୱାସର ବସାଟିଏ ବାନ୍ଧିବାକୁ ଦିଅ
ତମ ଡାଳରେ ।

ଅପେକ୍ଷା ନାଁ ଦିଅନାହିଁ
ଯେତେସବୁ ବାକିଥିବା ସମୟକୁ
ଅପେକ୍ଷା ମାନେ ହିଁ ତ
ଚିରଦିନ ଅପହଂଚ ।

ଆସ ଥରୁଟିଏ ଆସ
ଶୁଣିବ ଯାହା କେବେ କେହି
ଶୁଣିନାହିଁ ମୋ ଭିତରେ । ।

ଧୁମାଭଟା, ବେଲପଡ଼ା, ବଲାଙ୍ଗିର



# ପିଲାଙ୍କ ଲାଳନ ପାଳନ ଉପରେ ନିର୍ଭର କରେ ତାଙ୍କ ଭବିଷ୍ୟତ

ସୁଶ୍ରୀ ସ୍ନେହଲତା

ପିଲାଙ୍କ ଲାଳନ ପାଳନ ଉପରେ ତାଙ୍କ ଭବିଷ୍ୟତ ନିର୍ଭର କରେ । ସେମାନେ ଯାହା ନିଜ ପିତାମାତା ତଥା ପରିବାରର ସଦସ୍ୟମାନଙ୍କ ଆଚରଣରୁ ଶିଖନ୍ତି, ତାହା ହିଁ ତାଙ୍କ ଉପରେ ପ୍ରଖର ଭାବେ ପ୍ରଭାବ ପକାଇଥାଏ । ମନସ୍ତତ୍ତ୍ୱବିଦ୍‌ମାନେ କୁହନ୍ତି, ନିଜ ପିଲାମାନଙ୍କ ସାମ୍ନାରେ ନିଜକୁ ଯେତିକି ଶୁଦ୍ଧ ଓ ଶୃଙ୍ଖଳିତ ରଖାଯାଇ ପାରିବ, ସେତିକି ପରିବାରର ସମୃଦ୍ଧି ସମ୍ଭବ ହୋଇପାରେ । ଏ ସଂପର୍କରେ କିଛି ଟିପ୍‌ସ୍ ଉପରେ ଆସନ୍ତୁ ନଜର ପକାଇବା ।



❁ ପିଲାମାନେ ସବୁବେଳେ ଅନୁକରଣ ପ୍ରିୟ । ସେମାନଙ୍କୁ ଯାହା କୁହାଯାଏ, ହୁଏତ' ସେମାନେ ତାହା କରନ୍ତି ନାହିଁ । କିନ୍ତୁ ତାଙ୍କ ସାମ୍ନାରେ ଯାହା କରାଯାଏ, ତାହା କରିବାକୁ ବିଳମ୍ବ କରନ୍ତି ନାହିଁ । ଏଣୁ ତାଙ୍କ ସାମ୍ନାରେ ଶୃଙ୍ଖଳିତ ଓ ଶୁଦ୍ଧ ଆଚରଣ ପ୍ରଦର୍ଶନ କରିବା ଏକାନ୍ତ ଆବଶ୍ୟକ ।

❁ ପିଲାମାନେ ଆଦେଶକୁ ପସନ୍ଦ କରନ୍ତି ନାହିଁ । ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ବା ପିତାମାତା କହୁଛନ୍ତି ଭାବି ଯଦିବି ଆଦେଶ ପାଳନ କରନ୍ତି, ସେଥିରେ ସେମାନେ ଆନନ୍ଦ ପାଆନ୍ତି ନାହିଁ । ଏଣୁ ତାଙ୍କୁ ଆଦେଶ ନ ଦେଇ ତାଙ୍କ ପ୍ରତି ଜଣେ ବିଶ୍ୱସ୍ତ ବନ୍ଧୁର ସଂପର୍କ ରକ୍ଷା କରି ସେମାନଙ୍କୁ କୌଣସି କାମରେ ନିୟୋଜିତ କରନ୍ତୁ । ଦେଖିବେ ସେମାନେ ଆପଣଙ୍କ ଇଚ୍ଛାକୁ ପୂରଣ କରିବାରେ ବି ଆନନ୍ଦିତ ହେବେ ।

❁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯାହା ବି କଳହ ଥାଉ, ତାହା ପୁତ୍ରକନ୍ୟାଙ୍କ ସମ୍ମୁଖକୁ ନ ଆସିବା ଭଲ । ଏ ଦିଗରେ ନିଜକୁ ସଚେତନ ରଖିବା ଆବଶ୍ୟକ । କାରଣ ଏହା ସେମାନଙ୍କୁ କଠୋର ଆଘାତ ଦିଏ ।

❁ ପିଲାମାନଙ୍କ ସମ୍ମୁଖରେ ସ୍ୱାମୀ ସ୍ତ୍ରୀଙ୍କୁ କିମ୍ବା ସ୍ତ୍ରୀ ସ୍ୱାମୀଙ୍କୁ ହେୟଜ୍ଞାନ କରିବା ଭଳି କଥାବାର୍ତ୍ତା କରିବା ଏକାନ୍ତ ବର୍ଜନୀୟ । ଏପରିକି ପିଲାମାନଙ୍କ ସମ୍ମୁଖରେ ପରିବାରରେ ବୟୋଜ୍ୟେଷ୍ଠମାନଙ୍କୁ ଅସମ୍ମାନ କରିବା ବି ଉଚିତ ନୁହେଁ । ଏହାଦ୍ୱାରା ପିଲାମାନଙ୍କ ଭିତରେ ପଲ୍ଲବିତ ହେଉଥିବା ସମ୍ମାନବୋଧ ନଷ୍ଟ ହୋଇଯିବାର ସମ୍ଭାବନା ଦେଖାଦିଏ ।

❁ ବାରମ୍ବାର ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ଧମକ୍ ଚମକ୍ ଦେବା ଅନୁଚିତ । ଏହାଦ୍ୱାରା ଅଧ୍ୟୟନ ପ୍ରତି ସେମାନଙ୍କ ଶ୍ରଦ୍ଧା ଲୋପ ପାଇବାର ସମ୍ଭାବନା ଅଧିକ । ଏଣୁ ସେମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧାର ସହ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଚିତ । ଅଧ୍ୟୟନ ଦ୍ୱାରା ପ୍ରାପ୍ତ ହେଉଥିବା ସଫଳତା ସଂପର୍କୀୟ ବିଭିନ୍ନ ଉଦାହରଣ ଓ କାହାଣୀ ଶୁଣାଇ ସେମାନଙ୍କୁ ଆଗ୍ରହୀ କରାଯାଉ ।

❁ ଘରର ସ୍ୱଚ୍ଛତା ଓ ପରିବାର ସଦସ୍ୟମାନଙ୍କ ଶୁଦ୍ଧ ଚିନ୍ତାଧାରା ଏବଂ ସମୟାନୁବର୍ତ୍ତିତା ପିଲାମାନଙ୍କୁ ଗଢ଼ିବା ପାଇଁ ଉତ୍ତମ ବାତାବରଣ ସୃଷ୍ଟି କରିପାରେ । ଏଣୁ ପିତାମାତା ଏ ଦିଗରେ ଯତ୍ନବାନ ହେବା ଉଚିତ । ଏତିକି ଶୁଦ୍ଧତା ରକ୍ଷା କରିବା ଉଚିତ, ଯାହା ପିଲାମାନଙ୍କ ପାଇଁ ଭବିଷ୍ୟତରେ ଏକ ଉଜ୍ଜ୍ୱଳ ଉଦାହରଣର ଭୂମିକା ନେଇ ପାରିବ । ଏହା ପିଲାମାନଙ୍କୁ ଅନେକ ଦିଗରୁ ସୁସ୍ଥ ମାନସିକତା ପ୍ରଦାନ କରେ ।

❁ ସବୁବେଳେ ପିତାମାତା ଧ୍ୟାନ ରଖିବା ଉଚିତ ସେମାନଙ୍କ କାର୍ଯ୍ୟବ୍ୟସ୍ତତା ଭିତରେ ପିଲାମାନେ ଏକ୍‌ଲା ଅନୁଭବ କରୁନାହାନ୍ତି ତ ! ଯଥୋଚିତ ପିଲାମାନଙ୍କୁ ସମୟ ଦିଅନ୍ତୁ । ସେମାନଙ୍କ ସହ ଖେଳନ୍ତୁ, ବୁଲନ୍ତୁ, ହସନ୍ତୁ, ଥଟ୍ଟାମଜା କରନ୍ତୁ । ଏହା ଫଳରେ ପିଲାମାନେ ପ୍ରଫୁଲ୍ଲିତ ରୁହନ୍ତି ।

❁ ଅନେକ ପିଲା ସାଧାରଣତଃ ବେଶୀ କଥାବାର୍ତ୍ତା ହେବାକୁ ପସନ୍ଦ କରନ୍ତି । ବେଶୀ ପ୍ରଶ୍ନ ବି ପଚାରନ୍ତି । ଏଥିରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ । ହୁଏତ ଆପଣଙ୍କ ବିରକ୍ତି ଭାବ ପିଲାଙ୍କ ମନରୁ ଜାଣିବାର ପ୍ରବଳ ଆଗ୍ରହକୁ ଦମନ କରି ଦେଇପାରେ । ସଜାଗ ହେବା ଆବଶ୍ୟକ ।

❁ ପିଲାଙ୍କ ପ୍ରତି ରୁକ୍ଷ ବ୍ୟବହାର ସର୍ବଦା ବର୍ଜନୀୟ । ନୂଆ ନୂଆ ଦର୍ଶନୀୟ ସ୍ଥାନ ସଂପର୍କରେ, ବୈଜ୍ଞାନିକ ଦାର୍ଶନିକମାନଙ୍କ ବିଷୟରେ, ମୁନୀଋଷୀଙ୍କ ତପସ୍ୟା ସଂପର୍କରେ ତାଙ୍କୁ କାହାଣୀ ଶୁଣାନ୍ତୁ । ସାହିତ୍ୟ ଜଗତ ପ୍ରତି ସେମାନଙ୍କ ରୁଚି ବଢ଼ାଇବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ସେମାନେ ଆବେଗର ଏକ ସୂକ୍ଷ୍ମ ସ୍ପର୍ଶ ଅନୁଭବ କରିବେ । ନିଜକୁ ଗଢ଼ି ତୋଳିବା ପାଇଁ ଆଗଭର ହେବେ ।

କବି ଆନଂଦ ଚଂଦ୍ର ସାହୁଙ୍କର୍
କବିତା ଶୁନ୍‌ବାର୍ ଲାଗି

YouTube ଥି ସର୍ଚ୍ଚ କରୁନ୍

kabyagumpha

Pl. Subscribe, Share, Like and Comment.

# ଉନ୍ନତ ଭାରତ ଅଭିଯାନ ପାଇଁ ଆଇଆଇଟି ଦିଲ୍ଲୀ ସହିତ ଟ୍ରାଇଫେଡ୍‌ର ବୁଝାମଣାପତ୍ର ସ୍ୱାକ୍ଷରିତ

**ରୋଜଗାର ନିମନ୍ତେ ଜନଜାତି ବର୍ଗର ଲୋକଙ୍କ ଦକ୍ଷତା ବିକାଶ ପାଇଁ ୨୬୦୦ରୁ ଅଧିକ ପ୍ରତିଷ୍ଠାନ ମିଳିତ ଭାବେ କାମ କରିବେ ।**

**ବୁଝାମଣା ଅନୁସାରେ ଆଦିବାସୀମାନଙ୍କୁ ନୂଆ ପ୍ରକ୍ରିୟାକରଣ ଟେକ୍‌ନୋଲଜି, ନବସୃଜନ, ଦିଗ୍‌ଦର୍ଶନ ଏବଂ ଡିଜିଟାଲ ବ୍ୟବସ୍ଥା ସଂପର୍କରେ ଶିକ୍ଷା ଦିଆଯିବ ।**

ନୂଆଦିଲ୍ଲୀ, (ପିଆଇବି) : କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରଣାଳୟ ଅଧୀନରେ ଜନଜାତି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଟ୍ରାଇଫେଡ୍ ସଂସ୍ଥା ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି । ଜନଜାତି ବର୍ଗର ଲୋକଙ୍କୁ ବିକାଶର ମୁଖ୍ୟ ଧାରାରେ ସାମିଲ କରିବା ପାଇଁ ଟ୍ରାଇଫେଡ୍‌ର ଉଦ୍ୟମ ଅବ୍ୟାହତ ରହିଛି । ନିଜର ନିର୍ଦ୍ଧାରିତ ଦାୟିତ୍ୱ ଓ କାର୍ଯ୍ୟ ବାହାରେ ଟ୍ରାଇଫେଡ୍ ଉନ୍ନତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଆଇଆଇଟି ଦିଲ୍ଲୀ ସହିତ ମିଳିମିଶି କାମ କରିବାକୁ ଏକ ବୁଝାମଣାପତ୍ରର ସ୍ୱାକ୍ଷର କରିଛି । ଉନ୍ନତ ଭାରତ ଅଭିଯାନ ଭାରତ ସରକାରଙ୍କ ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ । ଏହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଛି ।

ଗତ ୨୪ ତାରିଖ ଦିନ ଏଥିପାଇଁ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ଟ୍ରାଇଫେଡ୍, ଉନ୍ନତ ଭାରତ ପକ୍ଷରୁ ଆଇଆଇଟି ଦିଲ୍ଲୀ ଏବଂ ବିଜ୍ଞାନ ଭାରତୀ (ବିଭା)ର ପ୍ରତିନିଧିମାନେ ସ୍ୱାକ୍ଷର କରିଛନ୍ତି । ଉନ୍ନତ ଭାରତ ପକ୍ଷରୁ ଆଇଆଇଟି ଜାତୀୟ ସମନ୍ୱୟକାରୀ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ । ବିଜ୍ଞାନ ଭାରତୀ ବା ବିଭା ଯାହା ଏକ ସ୍ୱଦେଶୀ ବିଜ୍ଞାନ ଆନ୍ଦୋଳନ ତାହା ଏଥିରେ ସହଯୋଗ ଯୋଗାଇବ । ଏବେ ଟ୍ରାଇଫେଡ୍ ଅଧୀନରେ ଆଦିବାସୀମାନଙ୍କ ଉଦ୍‌ଯୋଗ ବିକାଶ ପାଇଁ ଯେଉଁ ବନଧନ କାର୍ଯ୍ୟକ୍ରମ ଚାଲିଛି ସେଥିରେ ସଂପୃକ୍ତ ବିଦ୍ୟାର୍ଥୀମାନେ ୨୬୦୦ରୁ ଅଧିକ ଶିକ୍ଷାନୁଷ୍ଠାନ, ଗବେଷଣା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଶୈକ୍ଷିକ ସଂସ୍ଥାନର ସୁଯୋଗ ପାଇବେ । ଉନ୍ନତ ଭାରତ ଏହି ସୁଯୋଗ ଯୋଗାଇଦେବ ।

ଉନ୍ନତ ଭାରତ ଅଭିଯାନ ଯୋଜନାରେ ଟ୍ରାଇଫେଡ୍ ଜନଜାତିର ଲୋକଙ୍କ ଦକ୍ଷତା ବିକାଶ କରାଇ ସେମାନଙ୍କୁ ରୋଜଗାରକ୍ଷମ କରିବାକୁ ଉଦ୍ୟମ କରୁଛି । ଏହା ବିଭିନ୍ନ ମନ୍ତ୍ରଣାଳୟ, ଜିଲ୍ଲା ପ୍ରଶାସନ, ପଂଚାୟତିରାଜ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କ ସହ ମିଶି କାମ କରୁଛି । ବନଧନ ବିକାଶ କେନ୍ଦ୍ର ପ୍ରତିଷ୍ଠା କରି ଆଦିବାସୀ ଲୋକଙ୍କୁ ଜୀବିକା ଅର୍ଜନର ସୁବିଧା ଦେବା ପାଇଁ ଏହି ବୁଝାମଣାପତ୍ର ଅନୁସାରେ ମିଳିତ ଉଦ୍ୟମ କରାଯିବ ।

ଏ ସଂପର୍କରେ ସୂଚନା ଦେଇ ଟ୍ରାଇଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୀର କୃଷ୍ଣ କହିଛନ୍ତି ଯେ, ଜନଜାତି ବିକାଶ କ୍ଷେତ୍ରରେ ଏହି ବୁଝାମଣାପତ୍ର ବିଶେଷ ସହାୟକ ହେବ । ତାଙ୍କ ସଂସ୍ଥା ବିଭିନ୍ନ ମନ୍ତ୍ରଣାଳୟ ସହ ସକ୍ରିୟ ସହଯୋଗ ରକ୍ଷାକରି ଆଦିବାସୀଙ୍କ ଦକ୍ଷତା ବିକାଶ ମାଧ୍ୟମରେ ରୋଜଗାର ଯୋଗାଇ ଦେବାକୁ ଉଦ୍ୟମ କରୁଛି । ସେମାନେ ଦକ୍ଷ ଓ ଯୋଗ୍ୟ ହୋଇପାରିଲେ ବର୍ଷସାରା ରୋଜଗାରର ସୁବିଧା ପାଇବେ । କୃଷି, ଉଦ୍ୟାନ କୃଷି, ଫୁଲଚାଷ, ଔଷଧୀୟ ଓ ସୁଗନ୍ଧୀ ବୃକ୍ଷଚାଷ ମାଧ୍ୟମରେ ନିଜର ଜୀବିକା ନିର୍ବାହ କରିପାରିବେ । ଏଣିକି ସେମାନେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ସୀମିତ ରହିବେ ନାହିଁ । ଆଇଆଇଟି ଦିଲ୍ଲୀ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏହି ବର୍ଗଙ୍କୁ ଦକ୍ଷ ଓ କୁଶଳୀ କରିବାରେ ଆବଶ୍ୟକ ଦିଗ୍‌ଦର୍ଶନ ଓ ସହାୟତା ଦେବ । ଏହାଛଡ଼ା ଦେଶର ବିଭିନ୍ନ ପ୍ରତିଷ୍ଠିତ ଶୈକ୍ଷିକ ଓ ଗବେଷଣା ଭିତ୍ତିକ ଅନୁଷ୍ଠାନରୁ ଆବଶ୍ୟକସ୍ଥଳେ ଏହି ବର୍ଗର ପିଲାମାନେ ତାଲିମ ଏବଂ ଦିଗ୍‌ଦର୍ଶନ ନେଇପାରିବେ ।

ସେ କହିଛନ୍ତି ଯେ ଯେଉଁସବୁ ଆଦିବାସୀ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରୁଛନ୍ତି ସେମାନଙ୍କ ସାମଗ୍ରୀ ପ୍ରକ୍ରିୟାକରଣ ଏହାର ମାନବୃଦ୍ଧି ଓ ପ୍ୟାକେଜିଂ ଆଦି ସଂପର୍କରେ ତାଲିମ ଦିଆଯିବ । ଏହାଛଡ଼ା ସାମଗ୍ରୀର ନବସୃଜନ, ମେଣ୍ଟର ସିପ୍ ବା ଦିଗ୍‌ଦର୍ଶନ, ଡିଜିଟାଲ ବ୍ୟବସ୍ଥାର ଉପଯୋଗ ଏବଂ ପ୍ରାରମ୍ଭିକ ସହାୟତା ଏହି ବର୍ଗର ଲୋକଙ୍କୁ ପ୍ରଦାନ କରାଯିବ । ଏହାଫଳରେ ସେମାନଙ୍କ ଦକ୍ଷତା ବିକାଶ ଘଟିବ । ବୁଝାମଣାପତ୍ର ମାଧ୍ୟମରେ ଦେଶର ଉତ୍ତମ ବୁଦ୍ଧିମାନ ବ୍ୟକ୍ତିମାନେ ଯେତେବେଳେ ଆଦିବାସୀମାନଙ୍କ ଜୀବିକା ଉପାର୍ଜନ ସଂପର୍କରେ ପଦକ୍ଷେପ ନେବେ ସେତେବେଳେ ସେମାନଙ୍କ ସ୍ଥିତିରେ ନିଶ୍ଚୟ ଉନ୍ନତି ଘଟିବ ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ଶ୍ରୀ ଭି. ରାମଗୋପାଳ ରାଓ କହିଛନ୍ତି ଯେ, ତାଙ୍କ ଅନୁଷ୍ଠାନ ସମାଜ ସହିତ ବିଭିନ୍ନ ଭାବେ ସଂଯୁକ୍ତ ହେବାକୁ ବେଶ୍ ସଚେତନ ହୋଇ କାର୍ଯ୍ୟ କରୁଛି । ଇମର୍ସନ କାର୍ଯ୍ୟକ୍ରମରେ ଆମେ ଆମର ଅଧ୍ୟାପକମାନଙ୍କୁ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ବାସ୍ତବ ସମସ୍ୟାର ସମାଧାନ ପାଇଁ ନିୟୋଜିତ କରୁଛୁ । ହସ୍‌ପିଟାଲ୍, ଗାଁ, ଉଦ୍ୟୋଗ ନିର୍ବିଶେଷରେ ଏହି ସହାୟତା ଯୋଗାଇ ଦିଆଯାଉଛି । ଥରେ ସମସ୍ୟାର କାରଣ ଚିହ୍ନଟ ହୋଇଗଲେ ତାହାକୁ ଲବ୍ଧ ସମ୍ବଳ ଅନୁସାରେ ସମାଧାନ କରିବାକୁ ଉଦ୍ୟମ କରାଯାଉଛି । ତେଣୁ ଏଭଳି ସ୍ଥିତିରେ ଅଂଶୀଦାରୀର ବିଶେଷ ଗୁରୁତ୍ୱ ରହିଛି । ଆଇଆଇଟି ଦିଲ୍ଲୀ-ଟ୍ରାଇଫେଡ୍ ଅଂଶୀଦାରୀ ମଧ୍ୟ ବିଜ୍ଞାନ ଭାରତୀ (ବିଭା)ର ଅଭିଜ୍ଞତା ଏବଂ ବିଶେଷ ଜ୍ଞାନକୁ ବ୍ୟବହାର କରିପାରିବ । ବିଭା ବିଜ୍ଞାନ ଓ ଟେକ୍‌ନୋଲଜି ବିକାଶରେ କିପରି ସହାୟକ ହେଉଛି ସେ ସଂପର୍କରେ ସାରା ଦେଶରେ ସଚେତନତା ସୃଷ୍ଟି କରୁଛି । ବିଜ୍ଞାନ ଓ ଟେକ୍‌ନୋଲଜି ଦ୍ୱାରା ମଣିଷ କିପରି ଆତ୍ମନିର୍ଭରଶୀଳ ହୋଇପାରିବ ସେ ଦିଗରେ ଏହି ସଂସ୍ଥା କାମ କରୁଛି । ବନଧନ ଯୋଜନାକୁ ସଫଳ କରିବାରେ ବିଭା ସହାୟକ ହେବ । ବିଭିନ୍ନ ବନଧନ କେନ୍ଦ୍ର ମାଧ୍ୟମରେ ଏହା ଆଦିବାସୀଙ୍କୁ ସାମଗ୍ରୀର ମାନ ବୃଦ୍ଧି, ବ୍ରାଣ୍ଡିଂ, ବିକ୍ରିବଟା ଓ ବଜାର ସୁବିଧା ଆଦି ବିଷୟରେ ଦିଗ୍‌ଦର୍ଶନ ଦେବ । ଏହାଫଳରେ ଏହି ବର୍ଗର ଲୋକେ ରୋଜଗାରର ସୁବିଧା ପାଇବେ ।

# ଆଇଜିଆଇ ବିମାନବନ୍ଦରରେ ୬୬ ଲକ୍ଷ ଟଙ୍କାରୁ ଅଧିକ ଚୋରାଚାଲାଣ ସିଗାରେଟ ଜବତ କରିଛି ଦିଲ୍ଲୀ କଷ୍ଟମ୍ସ

ନୂଆଦିଲ୍ଲୀ, (ପିଆଇବି) : କୋଭିଡ଼-୧୯ କାରଣରୁ ଦୁବାଇରେ ଫସି ରହି ଫେରିଥିବା ୧୩ ଜଣ ଭାରତୀୟ ଯାତ୍ରୀଙ୍କ ଠାରୁ ୨୩ ଜୁଲାଇ, ୨୦୨୦ରେ ଦିଲ୍ଲୀ କଷ୍ଟମ୍ସ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରରେ ଚିତ୍ରିତ ଚେତାବନୀ ନଥିବା ବିଦେଶୀ ସିଗାରେଟ (୩୭୦୦ ଦଣ୍ଡା) ଜବତ କରି ଚୋରା ଚାଲାଣ ମାମଲା ରୁଜୁ କରିଛି । ଯାତ୍ରୀମାନେ ବିମାନ ନମ୍ବର ଇକେ-୫୧୦ ଦେଇ ଦୁବାଇରୁ ଦିଲ୍ଲୀ ଯାତ୍ରା କରୁଥିଲେ ଏବଂ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ ବିମାନ ବନ୍ଦର ଟର୍ମିନାଲ-୩ରେ ଗତ ୨୩ ତାରିଖ ସକାଳ ୯ଟା ୫ ମିନିଟ୍‌ରେ ପହଂଚିଥିଲେ । ଏହି ୧୩ ଜଣ ଭାରତୀୟ ଯାତ୍ରୀ ଗ୍ରୀନ୍ ଚ୍ୟାନେଲ ପାର ହେବା ପରେ ସେମାନଙ୍କୁ ଧରା ଯାଇଥିଲା ।

କଷ୍ଟମ୍ସ ଆଇନ ୧୯୬୨ର ଧାରା ୧୧୦ ଅନୁଯାୟୀ ଉଦ୍ଧାର ହୋଇଥିବା ସିଗାରେଟ ଜବତ କରାଯାଇଛି । ଜବତ ସାମଗ୍ରୀର ସାମୂହିକ ମୂଲ୍ୟ ୬୬.୬୦ ଲକ୍ଷ । କଷ୍ଟମ୍ସ ଆଇନ ୧୯୬୨ର ଧାରା ୧୦୪ ଅନୁଯାୟୀ ୧୩ ଜଣ ଭାରତୀୟ ଯାତ୍ରୀଙ୍କୁ ଗିରଫ୍ କରାଯାଇଛି । ଅଧିକ ଅନୁସନ୍ଧାନ ଚାଲିଛି ।

# ୨୦୨୨ ଡିସେମ୍ବର ସୁଦ୍ଧା ଭାରତୀୟ ରେଳବାଇ ସବୁ ୱାଗନକୁ ଆର୍‌ଏଫ୍‌ଆଇଡ଼ି ଦ୍ୱାରା ଟ୍ୟାଗ କରିବ

**ଏ ପର୍ଯ୍ୟନ୍ତ ୨୩ ହଜାର ୱାଗନ ଆର୍‌ଏଫ୍‌ଆଇଡ଼ି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଛି**

ନୂଆଦିଲ୍ଲୀ, (ପିଆଇବି) : ଭାରତୀୟ ରେଳବାଇ ଦେଶର ସବୁ ରେଳ ୱାଗନକୁ ୨୦୨୨ ସୁଦ୍ଧା ରେଡ଼ିଓ ଫ୍ରିକ୍ୱେନ୍ସି ଆଇଡ଼େଣ୍ଟିଫିକେସନ୍ (ଆର୍‌ଏଫ୍‌ଆଇଡ଼ି ଟ୍ୟାଗ) ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବାରେ ଲକ୍ଷ୍ୟ ରଖିଛି । ଏହି ସମୟ ସୁଦ୍ଧା ସବୁ ରେଳ ୱାଗନରେ ରେଡ଼ିଓ ଫ୍ରିକ୍ୱେନ୍ସି ବ୍ୟବସ୍ଥା ଖଂଜାଯାଇ ସହଜରେ ଏହାର ସ୍ଥିତି ନିର୍ଦ୍ଧାରଣ କରିହେବ । ରେଳବାଇର ଏକ ବିରାଟ ଓ ବ୍ୟାପକ ବ୍ୟବସ୍ଥାରେ କେଉଁ ୱାଗନ କେଉଁଠି ରହିଲା ତାହାକୁ ଠାବ କରିବାରେ ଏହି ପଦ୍ଧତି ବିଶେଷ ସହାୟକ ହେବ । ବର୍ତ୍ତମାନ ସୁଦ୍ଧା ୨୩ ହଜାର ୱାଗନ ଆରଏଫ୍‌ଆଇଡ଼ି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଛି । ଏବେ ଏହି କାର୍ଯ୍ୟ ମଧ୍ୟ ଜାରି ରହିଛି; କିନ୍ତୁ କରୋନା ମହାମାରୀ ଯୋଗୁଁ କାମ ଶିଥିଳ ହୋଇପଡ଼ିଛି । ୨୦୨୨ ସୁଦ୍ଧା ଦେଶର ସବୁ ରେଳ ୱାଗନରେ ଆର୍‌ଏଫ୍‌ଆଇଡ଼ି ଲଗାଯାଇ ଡାକ ଟ୍ୟାଗିଂ କରାଯିବ ।

ଏବେ ଭାରତୀୟ ରେଳବାଇ ୱାଗନ ଚିହ୍ନଟ ଓ ଗଣତି କାର୍ଯ୍ୟ ମଣିଷଙ୍କ ଦ୍ୱାରା କରାଯାଉଛି । ମଣିଷ ଏହି କାର୍ଯ୍ୟ କରୁଥିବାରୁ ଏଥିରେ ଭୁଲ ହେବାର ସମ୍ଭାବନା ରହିଛି । ଆରଏଫ୍‌ଆଇଡ଼ି ବ୍ୟବସ୍ଥା ଉପଯୋଗ କରାଗଲେ ପ୍ରତ୍ୟେକ ୱାଗନ, ଇଂଜିନ, କୋଚ୍ କେଉଁଠି କିଭଳି ଅବସ୍ଥାରେ ଅଛି ତାହା ନିର୍ଭୁଲ ଭାବେ ଜଣାପଡ଼ିବ । ଇଂଜିନଗୁଡ଼ିକରେ ମଧ୍ୟ ଆରଏଫ୍‌ଆଇଡ଼ି ଟ୍ୟାଗ ଲଗାଯିବ । ବିଭିନ୍ନ ଷ୍ଟେସନ ଏବଂ ରେଳପଥ ପାର୍ଶ୍ୱରେ ଟ୍ରାକ୍ ସାଇଡ୍ ରିଡ଼ର୍ ଲଗାଯିବ । ଏହି ରିଡ୍‌ର ଦୁଇ ମିଟର ଦୂରରୁ ଇଂଜିନ, ଡବା ଓ କୋଚ୍‌ରେ ଖଂଜାଯାଇଥିବା ଟ୍ୟାଗ୍‌ରୁ ତଥ୍ୟ ସଂଗ୍ରହ କରି ତାହାକୁ କେନ୍ଦ୍ରୀୟ କଂପ୍ୟୁଟରକୁ ପଠାଇବ । ଏହା ଫଳରେ ସବୁ ଚଳନଶୀଳ ଟ୍ରେନ୍‌ର ଇଂଜିନ ଓ ବଗିର ଗତିବିଧିକୁ ମଧ୍ୟ ଠାବ କରାଯାଇ ପାରିବ । ଆରଏଫ୍‌ଆଇଡ଼ିର ପ୍ରଚଳନ ପରେ ୱାଗନ, ଇଂଜିନ ଏବଂ କୋଚ୍‌ର ବାସ୍ତବ ସଂଖ୍ୟା ସେସବୁ ଅଭାବ ଓ ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକୁ ଠିକ୍ ଭାବେ ଅନୁଧ୍ୟାନ କରି ସମାଧାନ କରାଯାଇ ପାରିବ ।

ସ୍ଥାନୀୟ ଉତ୍ପାଦନ ଦ୍ୱାରା କିଭଳି ବଡ଼ ସଫଳତା ମିଳିପାରିବ ଏହାର ଆଉ ଗୋଟିଏ ଉଦାହରଣ ଝାଡ଼ଖଣ୍ଡରେ ଦେଖିବାକୁ ମିଳିଛି । ଝାଡ଼ଖଣ୍ଡର ବିଶୁନପୁରରେ ଆଜିକାଲି ୩୦ରୁ ଅଧିକ ଗୋଷ୍ଠୀ ମିଶି ଲେମନ ଗ୍ରାସ୍ ଚାଷ କରୁଛନ୍ତି । ଲେମନ ଗ୍ରାସ୍ 'ସଲକୁ ଚାରିମାସ ସମୟ ଲାଗେ । ଏହାର ତେଲ ବଜାରରେ ଭଲ ଦରରେ ବିକ୍ରି ହୋଇଥାଏ । ଆଜିକାଲି ଏହାର ଭଲ ଚାହିଦା ମଧ୍ୟ ରହିଛି । ମୁଁ ଦେଶର ଦୁଇଟି ଅଂଚଳ ବିଷୟରେ କଥା ହେବାକୁ ଚାହୁଁଛି ଏ ଦୁଇଟି ପରସ୍ପରଠାରୁ ଶହ ଶହ କିଲୋମିଟର ଦୂରରେ ଅବସ୍ଥିତ । କିନ୍ତୁ ନିଜ ନିଜ ଢଙ୍ଗରେ ଏମାନେ ଭାରତକୁ ଆତ୍ମନିର୍ଭର କରି ଗଢ଼ି ତୋଳିବାରେ କିଛି ନିଆରା ପ୍ରୟାସ କରୁଛନ୍ତି । ଗୋଟିଏ ହେଉଛି ଲଦ୍ଦାଖ ଅନ୍ୟଟି ହେଉଛି କଚ୍ଛ୍ । ଲେହ ଏବଂ ଲଦ୍ଦାଖର ନାଁ ମନକୁ ଆସିବାମାତ୍ରେ ସୁଉଚ୍ଚ ପାହାଡ଼ ଏବଂ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଆମ ଆଖି ଆଗରେ ନାଚିଯାଏ ତାଜା ପବନ ଦେହରେ ବାଜିବାଭଳି ଅନୁଭୂତି ହୁଏ । ଅପରପକ୍ଷରେ କଚ୍ଛ୍ କଥା ପଡ଼ିଲା ବେଳକୁ ମନକୁ ଆସେ ବୃକ୍ଷଲତା ବିହୀନ ବିସ୍ତୀର୍ଣ୍ଣ ମରୁଭୂମିର ଦୃଶ୍ୟ । ଲଦ୍ଦାଖରେ ଗୋଟିଏ ବିଶେଷ ଫଳ ଫଳିଥାଏ ଯାହାର ନାଁ ଚୁଲୀ ବା ଖୁବାନୀ ଯାହାକୁ ଇଂରାଜୀରେ apricot କୁହାଯାଏ । ଏ ଫସଲ, ଏହି ଅଂଚଳର ଅର୍ଥନୀତିକୁ ବଦଳାଇବାର କ୍ଷମତା ରଖିଛି । କିନ୍ତୁ ଦୁଃଖର କଥା ଯେ ଏହା ଯୋଗାଣ ଅସୁବିଧା, ପାଣିପାଗର ଅନିୟମିତତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛି । ଏଗୁଡ଼ିକ ନଷ୍ଟ ହେବାର ମାତ୍ରା ନ୍ୟୂନତମ ହେଉ ସେଥିପାଇଁ ଆଜିକାଲି ଏକ ନୂଆ ଉପାୟ ଆରମ୍ଭ ହୋଇଛି । ଗୋଟିଏ ପ୍ରକ୍ରିୟା ରହିଛି, ଯାହାର ନାମ ହେଉଛି solar apricot dryer and space heater । ଏହା ଖୁବାନୀ ଏବଂ ଅନ୍ୟ ଫଳ ଓ ପନିପରିବାକୁ ଆବଶ୍ୟକତା ଅନୁସାରେ ଶୁଖାଇପାରୁଛି, ତାହା ପୁଣି ପୁଷ୍ଟିକର ଉପାୟରେ । ଆଗରୁ ଖୁବାନୀକୁ ବିଲ ପାଖରେ ଶୁଖାଇବା ସମୟରେ ଏହା ବହୁମାତ୍ରାରେ ନଷ୍ଟ ହେଉଥିଲା ତାହାସଙ୍ଗେ ସଙ୍ଗେ ଧୂଳି ଏବଂ ବର୍ଷାପାଣି ଯୋଗୁଁ ଫଳର ଗୁଣବତା ମଧ୍ୟ ପ୍ରଭାବିତ ହେଉଥିଲା । ଅନ୍ୟପକ୍ଷରେ ଆଜିକାଲି କଚ୍ଛ୍‌ରେ ଚାଷୀମାନେ Dragon Fruits ଚାଷ ପାଇଁ ପ୍ରଶଂସନୀୟ ଉଦ୍ୟମ କରୁଛନ୍ତି । କଚ୍ଛ୍‌ରେ ପୁଣି Dragon Fruits ଏକଥା ଶୁଣି ଅନେକ ଲୋକ ଆଶ୍ଚର୍ଯ୍ୟାନ୍ୱିତ ହେଉଛନ୍ତି । କିନ୍ତୁ, ଆଜିକାଲି ସେଠାରେ ଅନେକ ଚାଷୀ ଏହି କାମରେ ଲାଗିଛନ୍ତି । ଫଳର ଗୁଣବତା ଏବଂ କମ୍ ଜମିରେ ଅଧିକ ଉତ୍ପାଦନକୁ ନେଇ ଅନେକ ନୂତନ ପ୍ରୟାସ କରାଯାଉଛି । ମତେ ସୂଚନା ଦିଆଯାଇଛି ଯେ ଉକ୍ତଵଶକ୍ଭ ଋକ୍ଵଙ୍କସପ୍ପର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଶେଷ ଭାବେ, ଜଳଖିଆରେ ଏହାକୁ ଅଧିକ ଭାବେ ଗ୍ରହଣ କରାଯାଉଛି । Dragon Fruits ଆମଦାନୀ ଯେମିତି କରିବାକୁ ନ ପଡ଼େ ସେଥିପାଇଁ କଚ୍ଛ୍‌ର ଚାଷୀମାନେ ସଂକଳ୍ପ ଗ୍ରହଣ କରିଛନ୍ତି । ଏହାହିଁ ତ ଆତ୍ମନିର୍ଭରତା ।

ବନ୍ଧୁଗଣ, ଆମେ ଯେତେବେଳେ କିଛି ନୂଆ କରିବାର ଚିନ୍ତା କରୁ, ନବୋନ୍ମେଷ କଥା ଚିନ୍ତାକରୁ, ସେତେବେଳେ ଏଇଭଳି କଥା ସମ୍ଭବ ହୁଏ ଯାହା ବିଷୟରେ ସାଧାରଣତଃ କେହି କଳ୍ପନା କରିନଥାନ୍ତି, ଯେମିତିକି ବିହାରର କିଛି ଯୁବ ଛାତ୍ରମାନଙ୍କ କଥା ନିଅନ୍ତୁ । ପ୍ରଥମେ ଏମାନେ ସାଧାରଣ ଚାକିରି କରୁଥିଲେ । ଦିନେ ସେମାନେ ମୁକ୍ତାଚାଷ କରିବା ପାଇଁ ସ୍ଥିର କଲେ । ତାଙ୍କ ଅଂଚଳରେ ଲୋକେ ଏ ବିଷୟରେ ବେଶୀ କିଛି ଜାଣିନଥିଲେ କିନ୍ତୁ ଏମାନେ ପ୍ରଥମେ ସବୁ ପ୍ରକାର ସୂଚନା ଏକତ୍ରିତ କଲେ । ଜୟପୁର ଏବଂ ଭୁବନେଶ୍ୱର ଯାଇ ତାଲିମ ଗ୍ରହଣ କଲେ ଆଉ ନିଜ ଗାଁରେ ହିଁ ମୁକ୍ତାଚାଷ ଆରମ୍ଭ କରିଦେଲେ । ଆଜି ଏମାନେ ନିଜେ ଏଥିରୁ ଯଥେଷ୍ଟ ରୋଜଗାର କରିପାରିବା ସହ ମୁଜାଫରପୁର, ବେଗୁସରାଇ ଏବଂ ପାଟନାକୁ ଅନ୍ୟ ରାଜ୍ୟରୁ ଫେରିଥିବା ପ୍ରବାସୀ ଶ୍ରମିକମାନଙ୍କୁ ଏ ବିଷୟରେ ତାଲିମ ଦେବା ମଧ୍ୟ ଆରମ୍ଭ କରିଦେଇଛନ୍ତି । ଏହାଦ୍ୱାରା ଅନେକ ଲୋକଙ୍କ ପାଇଁ ଆତ୍ମନିର୍ଭର ହେବାର ବାଟ ଖୋଲିଯାଇଛି ।

ବନ୍ଧୁଗଣ, କିଛିଦିନ ପରେ ଆସୁଛି ରକ୍ଷାବନ୍ଧନ ପର୍ବ । ମୁଁ ଏବେ ଦେଖୁଛି ଯେ ଅନେକ ଲୋକ ଏବଂ ସଂସ୍ଥା ଏଥର ରକ୍ଷାବନ୍ଧନ ପର୍ବକୁ କିଛି ଭିନ୍ନ ଢଙ୍ଗରେ ପାଳନ କରିବା ପାଇଁ ଅଭିଯାନ ଚଳାଇଛନ୍ତି । କିଛି ଲୋକ ଏହାକୁ 'ଭୋକାଲ ଫର ଲୋକାଲ' ସହିତ ଯୋଡୁଛନ୍ତି, ଆଉ ତାହା ଠିକ୍ ମଧ୍ୟ । ଆମର ପର୍ବପର୍ବାଣୀ ଦ୍ୱାରା ଆମ ସମାଜର, ଆମ ଘର ଆଖପାଖର କୌଣସି ବ୍ୟକ୍ତିର ବ୍ୟବସାୟ ଯଦି ବୃଦ୍ଧିପାଏ ତେବେ ସେହି ପର୍ବ ତା'ପାଇଁ ମଧ୍ୟ ଖୁସି ଆଣିଦିଏ, ଆନନ୍ଦର ମୁହୂର୍ତ୍ତ ପାଲଟିଯାଏ । ସମସ୍ତ ଦେଶବାସୀଙ୍କୁ ରକ୍ଷାବନ୍ଧନର ବହୁତ ବହୁତ ଶୁଭକାମନା ।

ବନ୍ଧୁଗଣ ! ଅଗଷ୍ଟ ୭ ତାରିଖ ହେଉଛି ଜାତୀୟ ହସ୍ତତନ୍ତ ଦିବସ । ଭାରତର ହସ୍ତତନ୍ତ, ଆଉ ହସ୍ତଶିଳ୍ପ ଭିତରେ ଶହଶହ ବର୍ଷର ଏକ ଗୌରବମୟ ଇତିହାସ ପ୍ରତିଭାତ ହୋଇଥାଏ । ଆମ ସମସ୍ତଙ୍କର ପ୍ରୟାସ ହେବା ଦରକାର ଯେ ନା କେବଳ ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପର ଅଧିକରୁ ଅଧିକ ଉପଯୋଗ ହେଉ, ବରଂ ଏ ସମ୍ପର୍କରେ ଆମେ ଅଧିକରୁ ଅଧିକ ଲୋକଙ୍କୁ ଜଣାଇବା ବି ଦରକାର । ଭାରତର ହସ୍ତତନ୍ତ ଏବଂ ହସ୍ତଶିଳ୍ପ କେତେ ମହିମାମଣ୍ଡିତ, କେତେ ବିବିଧତାପୂର୍ଣ୍ଣ, ଏ ସମ୍ପର୍କରେ ବିଶ୍ୱ ଯେତେ ଅଧିକ ଜାଣିବ, ଆମର ସ୍ଥାନୀୟ କାରିଗର ଏବଂ ବୁଣାକାରଙ୍କୁ ସେତିକି ଅଧିକ ଲାଭ ମିଳିବ ।

ବନ୍ଧୁଗଣ ! ବିଶେଷକରି ମୋର ଯୁବବନ୍ଧୁଗଣ, ଆମ ଦେଶ ବଦଳିବାରେ ଲାଗିଛି । ଇଏ କେମିତି ବଦଳୁଛି ? କେତେ ଜୋରରେ ବଦଳୁଛି ? କୋଉ କୋଉ କ୍ଷେତ୍ରରେ ବଦଳୁଛି ? ଏକ ସକାରାତ୍ମକ ବିଚାର ସହିତ ଯଦି ଏସବୁ ଉପରେ ଦୃଷ୍ଟିନିକ୍ଷେପ କରାଯାଏ ତାହାଲେ ଆମକୁ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ । ଗୋଟିଏ ସମୟ ଥିଲା, ଯେତେବେଳେ ଖେଳକୁଦଠାରୁ ଆରମ୍ଭକରି ଅନ୍ୟାନ୍ୟ କ୍ଷେତ୍ର ପର୍ଯ୍ୟନ୍ତ ଅଧିକତର ଲୋକ ବଡ଼ ବଡ଼ ସହରରୁ କିମ୍ବା ବଡ଼ ବଡ଼ ପରିବାରରୁ ଅଥବା ନାମୀଦାମୀ ସ୍କୁଲ କଲେଜରୁ ଆସୁଥିଲେ । ଏବେ କିନ୍ତୁ ଚିତ୍ର ବଦଳିବାରେ ଲାଗିଛି । ଗାଁରୁ, ଛୋଟ ସହରରୁ, ସାଧାରଣ ପରିବାରରୁ, ଆମର ଯୁବବର୍ଗ ଏବେ ଆଗକୁ ଆସିବାରେ ଲାଗିଛନ୍ତି । ସଫଳତାର ନୂତନ ଶିଖର ସ୍ପର୍ଶ କରୁଛନ୍ତି । ଏମାନେ ସଙ୍କଟ ମଧ୍ୟରେ ଗତିକରି ବି ନୂଆ ନୂଆ ସ୍ୱପ୍ନକୁ ଗୁନ୍ଥି ଆଗକୁ ବଢ଼ିବାରେ ଲାଗିଛନ୍ତି । ଏଇଭଳି କିଛି ଦେଖିବାକୁ ମିଳିଛି ଏଇ ନିକଟରେ ପ୍ରକାଶ ପାଇଥିବା ବୋର୍ଡ ପରୀକ୍ଷା ଫଳ ପରିଣାମରେ । ଆଜିର 'ମନ୍ କି ବାତ୍'ରେ ଆମେ ଏଇଭଳି କିଛି ପ୍ରତିଭାଶାଳୀ ପୁଅ ଝିଅଙ୍କ ସହ କଥାହେବା । ଏଭଳି ଜଣେ ପ୍ରତିଭାଶାଳୀ କନ୍ୟା ହେଉଛନ୍ତି କୃତିକା ନାନ୍ଦଲ । କୃତିକା ହରିୟାଣା ପାନିପଥର ବାସିନ୍ଦା । (ଅନ୍ୟ କେତେକ ଛାତ୍ରଛାତ୍ରୀଙ୍କ ସହ ବି କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ) ।

ବନ୍ଧୁଗଣ, ଏପରି ଆହୁରି ଅନେକ ଯୁବବନ୍ଧୁ ଅଛନ୍ତି, କଠିନ ପରିସ୍ଥିତିରେ ମଧ୍ୟ ଯାହାଙ୍କର ମନୋବଳର, ଯାହାଙ୍କ ସଫଳତାର କାହାଣୀ ଆମକୁ ପ୍ରେରଣା ଯୋଗାଇଥାଏ । ଅଧିକରୁ ଅଧିକ ଯୁବସାଥୀଙ୍କ ସହ କଥା ହେବାକୁ ମୋର ଇଚ୍ଛା ଥିଲା, କିନ୍ତୁ ସମୟର ମଧ୍ୟ କିଛି ସୀମା ଥାଏ । ମୁଁ ସମସ୍ତ ଯୁବସାଥୀମାନଙ୍କୁ କହିବାକୁ ଚାହେଁ ଯେ ସେମାନେ ନିଜ ନିଜର ପ୍ରେରଣାଦାୟକ କଥା ଓ କାହାଣୀଗୁଡ଼ିକୁ ଆମ ସମସ୍ତଙ୍କ ସହ ନିଶ୍ଚୟ ବାଂଟନ୍ତୁ ।

ମୋର ପ୍ରିୟ ଦେଶବାସୀଗଣ, ସାତ ସମୁଦ୍ର ସେପାରି ଭାରତ ଠାରୁ ହଜାର ହଜାର ମାଇଲ୍ ଦୂରରେ ଗୋଟିଏ ଛୋଟିଆ ଦେଶ ଅଛି ଯାହାର ନାଁ ସୁରିନାମ । ଭାରତର ସୁରିନାମ ସହ ବହୁତ ଘନିଷ୍ଠ ସମ୍ପର୍କ ରହିଛି । ଶତାଧିକ ବର୍ଷ ଆଗରୁ ଭାରତରୁ ଲୋକ ସେଠାକୁ ଯାଇଥିଲେ ଓ ତାକୁ ହିଁ ନିଜର ଘର କରିଦେଲେ । ଆଜି ଚତୁର୍ଥ-ପଂଚମ ପିଢ଼ି ସେଠାରେ ଅଛନ୍ତି । ଆଜି ସୁରିନାମର ଏକ ଚତୁର୍ଥାଂଶରୁ ଅଧିକ ଲୋକ ଭାରତୀୟ ବଂଶୋଦ୍ଭବ । କ'ଣ ଆପଣ ଜାଣନ୍ତି ଯେ ସେଠାକାର ସାଧାରଣ ଭାଷା ମଧ୍ୟରୁ ଗୋଟିଏ ହେଉଛି 'ସରନାମୀ', ଯାହା ଭୋଜପୁରୀର ଏକ କଥିତ ଭାଷା । ଏହି ସାଂସ୍କୃତିକ ସମ୍ବନ୍ଧକୁ ନେଇ ଆମେ ଭାରତୀୟମାନେ ଖୁବ୍ ଗର୍ବ ଅନୁଭବ କରୁ ।

ନିକଟରେ, ଶ୍ରୀ ଚନ୍ଦ୍ରିକା ପ୍ରସାଦ ସଂତୋଖି 'ସୁରିନାମ'ର ନୂଆ ରାଷ୍ଟ୍ରପତି ହୋଇଛନ୍ତି । ସେ ଭାରତର ବନ୍ଧୁ ଏବଂ ସେ ୨୦୧୮ରେ ଆୟୋଜିତ person of Indian Origin (PIO) Parliamentary Conferenceରେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଶ୍ରୀ ଚନ୍ଦ୍ରିକା ପ୍ରସାଦ ସଂତୋଖି ଜୀ ବେଦମନ୍ତ୍ର ସହ ଶପଥ ନେବା ଆରମ୍ଭ କରିଥିଲେ ଓ ସଂସ୍କୃତରେ କହିଥିଲେ । ସେ ବେଦର ଉଲ୍ଲେଖ କରିଥିଲେ ଏବଂ 'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ' ସହ ନିଜର ଶପଥ ସମ୍ପୂର୍ଣ୍ଣ କରିଥିଲେ । ସେ ନିଜ ହାତରେ ବେଦଧରି କହିଥିଲେ – ମୁଁ ଚନ୍ଦ୍ରିକା ପ୍ରସାଦ ସଂତୋଖି ଏବଂ, ଆଗକୁ ସେ ଶପଥରେ କ'ଣ କହିଲେ ? ସେ ବେଦର ହିଁ ଗୋଟିଏ ମନ୍ତ୍ର ଉଚ୍ଚାରଣ କଲେ । ସେ କହିଥଲେ – ଓଁ ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟମ୍ ତନ୍ମେ ରାଧ୍ୟତାମ୍ । ଇଦମହମନୃତାତ୍ ସତ୍ୟମୁପୈମି ।

ଅର୍ଥାତ୍ ହେ ଅଗ୍ନି, ସଂକଳ୍ପର ଦେବତା, ମୁଁ ଗୋଟିଏ ପ୍ରତିଜ୍ଞା କରୁଛି । ମୋତେ ଏଥିପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କର । ମୋତେ ଅସତ୍ୟରୁ ଦୂରରେ ରହିବାକୁ ଓ ସତ୍ୟ ଆଡ଼କୁ ଯିବାପାଇଁ ଆଶୀର୍ବାଦ ପ୍ରଦାନ କର । ବାସ୍ତବରେ ଏହା ଆମ ସମସ୍ତଙ୍କ ପାଇଁ ଗୌରବର କଥା ।

ମୁଁ ଶ୍ରୀ ଚନ୍ଦ୍ରିକା ପ୍ରସାଦ ସଂତୋଖିଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ନିଜ ରାଷ୍ଟ୍ରର ସେବା କରବା ପାଇଁ ୧୩୦ କୋଟି ଭାରତୀୟଙ୍କ ପକ୍ଷରୁ ତାଙ୍କୁ ଶୁଭକାମନା ଜଣାଉଛି ।



ମୋର ପ୍ରିୟ ଦେଶବାସୀଗଣ, ବର୍ତ୍ତମାନ ବର୍ଷାଋତୁ ମଧ୍ୟ ଚାଲିଛି । ଗତଥର ମଧ୍ୟ ମୁଁ ଆପଣମାନଙ୍କୁ କହିଥିଲି ଯେ ବର୍ଷାଦିନେ ଆବର୍ଜନା ଓ ସେଥିରୁ ହେଉଥିବା ବିଭିନ୍ନ ରୋଗର ବିପଦ ବଢ଼ିଯାଏ, ଡାକ୍ତରଖାନାଗୁଡ଼ିକରେ ଭିଡ଼ ବଢ଼ିଯାଏ । ତେଣୁ ଆପଣ ପରିଷ୍କାର ପରିଚ୍ଛନ୍ନତା ଉପରେ ବେଶୀ ଦୃଷ୍ଟି ଦିଅନ୍ତୁ । ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଭଳି ଜିନିଷ, ଆୟୁର୍ବେଦିକ କାଢ଼ା ଇତ୍ୟାଦି ବ୍ୟବହାର କରୁଥାନ୍ତୁ । କରୋନା ସଂକ୍ରମଣ ସମୟରେ ଆମେ ଅନ୍ୟ ରୋଗଠାରୁ ଦୂରେଇ ରହିବା । ଆମକୁ ବାରମ୍ୱାର ଯେମିତି ଡାକ୍ତରଖାନା ଯିବାକୁ ନ ପଡ଼େ, ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ।

ବନ୍ଧୁଗଣ, ବର୍ଷାଋତୁରେ, ଦେଶର ଗୋଟିଏ ବଡ଼ ଭାଗ ବନ୍ୟା ସହ ଲଢ଼େଇ କରୁଛି । ବିହାର, ଆସାମ ଭଳି ରାଜ୍ୟର ଅନେକ ଅଂଚଳରେ ବନ୍ୟା ଦ୍ୱାରା ବହୁତ ସମସ୍ୟା ସୃଷ୍ଟି ହୋଇଛି; ଅର୍ଥାତ ଗୋଟିଏ ପଟେ କରୋନା ତ ଆଉ ଗୋଟିଏ ପଟେ ବନ୍ୟା ମଧ୍ୟ ବଡ଼ ଆହ୍ୱାନ ପାଲଟିଛି । ଏପରି ଅବସ୍ଥାରେ ସମସ୍ତ ସରକାର, ଏନ୍‌ଡିଆର୍‌ଏଫର ଟିମ୍, ରାଜ୍ୟର ବିପର୍ଯ୍ୟୟ ନିୟନ୍ତ୍ରଣକାରୀ ଟିମ୍, ସ୍ୱେଚ୍ଛାସେବୀ ସଂଗଠନ, ସମସ୍ତେ ଏକଜୁଟ୍ ହୋଇ ସବୁ ଦିଗରୁ ରିଲିଫ୍ ଓ ଉଦ୍ଧାର କାମ ଚଳାଇଛନ୍ତି । ଏହି ବିପର୍ଯ୍ୟୟରେ ପ୍ରଭାବିତ ସବୁ ଲୋକଙ୍କ ସହ ସମଗ୍ର ଦେଶ ରହିଛି ।

ବନ୍ଧୁଗଣ, ଆସନ୍ତା ଥର ଯେତେବେଳେ ଆମେ 'ମନ କି ବାତ୍'ରେ ଭେଟ ହେବା, ତା'ପୂର୍ବରୁ ହିଁ ୧୫ ଅଗଷ୍ଟ ଆସିଯିବ । ଏଥର ୧୫ ଅଗଷ୍ଟ ମଧ୍ୟ ଭିନ୍ନ ପରିସ୍ଥିତିରେ ହେବ – କରୋନା ମହାମାରୀର ଏହି ବିପର୍ଯ୍ୟୟ ସମୟ ଭିତରେ ହେବ ।

ମୋର ନିଜ ଯୁବବନ୍ଧୁମାନଙ୍କୁ, ସମସ୍ତ ଦେଶବାସୀଙ୍କୁ ଅନୁରୋଧ ଯେ ଆମେ ସ୍ୱାଧୀନତା ଦିବସରେ ମହାମାରୀରୁ ମୁକ୍ତି ପାଇଁ ସଂକଳ୍ପ ନେବା, ଆତ୍ମନିର୍ଭର ଭାରତର ସଂକଳ୍ପ ନେବା, କିଛି ନୂଆ ଶିଖିବା ଓ ଶିଖାଇବାର ସଂକଳ୍ପ ନେବା, ନିଜ କର୍ତ୍ତବ୍ୟ ପାଳନ କରିବାର ସଂକଳ୍ପ ନେବା । ଆମ ଦେଶ ଏବେ ଯେଉଁ ଉଚ୍ଚତାରେ ପହଂଚିଛି, ତାହା ଏପରି କେତେକ ମହାପୁରୁଷଙ୍କ ତପସ୍ୟା କାରଣରୁ ସମ୍ଭବ ହୋଇଛି, ଯେଉଁମାନେ ରାଷ୍ଟ୍ରନିର୍ମାଣ ପାଇଁ ନିଜର ଜୀବନକୁ ସମର୍ପି ଦେଇଥିଲେ । ସେମାନଙ୍କ ମଧ୍ୟରୁ ଲୋକମାନ୍ୟ ତିଳକ ଅନ୍ୟତମ । ୧ ଅଗଷ୍ଟ ୨୦୨୦ରେ ଲୋକମାନ୍ୟ ତିଳକ ଜୀଙ୍କ ୧୦୦ ତମ ପୁଣ୍ୟତିଥି । ଲୋକମାନ୍ୟ ତିଳକ ଜୀଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ବହୁତ ବଡ଼ ପ୍ରେରଣା । ତାହା ଆମକୁ ବହୁତ କିଛି ଶିକ୍ଷା ଦେଇଥାଏ ।

ଆସନ୍ତା ଥର ଯେତେବେଳେ ଆମେ ଭେଟିବା, ପୁଣିଥରେ ବହୁତ କଥା ହେବା, ମିଶିକି କିଛି ନୂଆ ଶିଖିବା ଆଉ ସମସ୍ତଙ୍କ ସହ ବାଂଟିବା । ଆପଣମାନେ ସମସ୍ତେ ନିଜର ଯତ୍ନ ନିଅନ୍ତୁ, ନିଜ ପରିବାରର ଯତ୍ନ ନିଅନ୍ତୁ ଏବଂ ସୁସ୍ଥ ରହନ୍ତୁ । ସମସ୍ତ ଦେଶବାସୀଙ୍କୁ ଆଗାମୀ ପର୍ବପର୍ବାଣୀର ବହୁତ ବହୁତ ଶୁଭକାମନା । ବହୁତ ବହୁତ ଧନ୍ୟବାଦ ।

## ଆଜି ବଲାଙ୍ଗିର ଜିଲ୍ଲାରୁ ୧୯ ପୋଜେଟିଭ୍ ଚିହ୍ନଟ ... ..... (ପ୍ରଥମ ପୃଷ୍ଠାରୁ)

୩ଜଣ ଓ ବଲାଙ୍ଗିର ସହରରୁ ଏକା ଥରକୁ ୧୧ ଜଣ ଚିହ୍ନଟ ହୋଛନ୍ତି । ସହରର ବେହେରାପାଲିରୁ ୫ଜଣ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨ ଜଣ ପୁରୁଷ ଓ ଜଣେ ମହିଳା ଆକ୍ରନ୍ତଙ୍କ ସଂସ୍ପର୍ଶରେ ଆସି ପୋଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ବୟସ ଯଥାକ୍ରମେ ୩୦,୧୬ ଓ ୩୪ ବୋଲି ଜଣାପଡିଛି । ସେହିପରି ଆଉ ଦୁଇ ଜଣ ୨୮ ବର୍ଷୀୟ ପୁରୁଷ ସ୍ଥାନୀୟ ସଂକ୍ରମଣର ଶିକାର ହୋଇଥିବା ପ୍ରକାଶ ପାଇଛି । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଂଚଳକୁ କନ୍‌ଟେନ୍‌ମେଂଟ୍ ଜୋନ୍ ଘୋଷଣା କରାଯାଇଛି । ଚିମିନିଭାଟିପଡାର ଜଣେ ୩୨ ବର୍ଷୀୟ ମହିଳା ଓ ଜଣେ ୪୮ ବର୍ଷୀୟ ପୁରୁଷ ବୁର୍ଲା ମେଡିକାଲରେ ଚିକସ୍ତ ହୋଇ ଫେରିଥିବା ବେଳେ ସେମାନଙ୍କ ସେମ୍ପଲ ପୋଜିଟିଭ ଆସିଛି । ସୁଦପଡାରୁ ଜଣେ ୨୭ ବର୍ଷୀୟ ପରୁଷ, ମାଲପଡାରୁ ଜଣେ ୪୬ ବର୍ଷୀୟ ପୁରୁଷ ଓ ବରପାଲିପଡାରୁ ଜଣେ ୪୫ ବର୍ଷୀୟ ପୁରୁଷ ସ୍ଥାନୀୟ ସଂକ୍ରମଣରେ ସଂକ୍ରମିତ ହୋଇଛନ୍ତି । ରେଳଷ୍ଟେସନ ରୋଡ ପାଖ ସାଗରକୋଲୋନୀର ଜଣେ ୩୩ ବର୍ଷୀୟ ପୁରୁଷ ଓ ଗାନ୍ଧିନଗରପଡାର ଜଣେ ୩୫ ବର୍ଷୀୟ ପୁରୁଷ ଆକ୍ରନ୍ତଙ୍କ ସଂସ୍ପର୍ଶରେ ଆସି ପୋଜିଟିଭ ହୋଇଥିବା ଜଣା ପଡିଛନ୍ତି ।

ବଙ୍ଗୋମୁଣ୍ଡା ବ୍ଲକର କନ୍ଦାବାହାଲ ଗ୍ରାମର ଜଣେ ମହିଳା ଓ ଦୁଇ ଜଣ ଶିଶୁ ଅକ୍ରାନ୍ତ ସଂପର୍କରେ ଆସି ସଂକ୍ରମିତ ହୋଇଥିବା ରିପୋର୍ଟ ମିଳିଥିବା ବେଳେ ସେମାନଙ୍କ ବୟସ ଯଥାକ୍ରମେ ୩୦,୧୨ ଓ ୧ ରହିଛି । ଖପ୍ରାଖୋଲ ବ୍ଲକର ଦେଦର୍ହ ଗାଁରେ ଆଜି ଆଉ ଜଣେ ୧୮ ବର୍ଷୀୟ ପୁରୁଷ ପୋଜିଟିଭ ଚିହ୍ନଟ ହୋଛନ୍ତି । ତୁରେକେଲା କଣ୍ଟାବାଞ୍ଜିରେ ଜଣେ ୫୫ ବର୍ଷୀୟ ମହିଳା ସ୍ଥାନୀୟ ସଂକ୍ରମଣରେ ସଂକ୍ରମିତ ହୋଇଛନ୍ତି । ସେହିପରି ଲୋଇସିଂହା ବ୍ଲକର ବନଛୋରପାଲି ଗାଁର ଜଣେ ୩୮ ବର୍ଷୀୟ ପୁରୁଷ ଓ ପାଟଣଗଡ ବ୍ଲକର ଉଲବା ଗାଁର ଜଣେ ୩୫ ବର୍ଷୀୟ ମହିଳା ସଙ୍ଗରୋଧରେ ଥିବା ବେଳେ ତାଙ୍କର ରିପୋର୍ଟ ପୋଜିଟିଭ ଆସିଥିବା ସୂଚନା ମିଳିଛି । ଇତିମଧ୍ୟରେ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୩୩୨ରେ ପହଞ୍ଚି ଥିବା ସ୍ଥଳେ, ୬୧ ଜଣ ସକ୍ରିୟ ଓ ୨୭୧ ସୁସ୍ଥ ହୋଇଛନ୍ତି ।

## ସାଂଘାଇ ସହଯୋଗ ପ୍ରତିଷ୍ଠାନର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ..... (ପ୍ରଥମ ପୃଷ୍ଠାରୁ)

ଧାର୍ଯ୍ୟ କରିଛି ତାହାକୁ ସଫଳ କରିବା ନିମନ୍ତେ ଏକ ଉପଗୋଷ୍ଠୀ ଗଠନର ଆବଶ୍ୟକତା ରହିଛି । ୨୦୧୪ରୁ ୨୦୨୩ ମଧ୍ୟରେ ଏହି ରଣନୀତି ଚୂଡ଼ାନ୍ତ କରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏ ଦିଗରେ ଏଯାଏଁ ବିଶେଷ କିଛି ହୋଇନାହିଁ । ୨୦୧୮ରେ କିଙ୍ଗଡ଼ାଓ ଶିଖର ସମ୍ମିଳନୀରେ ଘୋଷିତ ମିଳିତ ଘୋଷଣାନାମାରେ ମଧ୍ୟ ପାରମ୍ପରିକ ଔଷଧର ବିକାଶ ଓ ବିନିଯୋଗ ପାଇଁ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏ କ୍ଷେତ୍ରରେ ବିଶେଷ ପ୍ରଗତି ହୋଇ ନଥିବାରୁ ସାଂପ୍ରତିକ ସହଯୋଗ ବ୍ୟବସ୍ଥାରେ ଏକ ଆନୁଷ୍ଠାନିକ ଉପଗୋଷ୍ଠୀ ଗଠନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଡଃ ହର୍ଷବର୍ଦ୍ଧନ ଏହି ଅବସରରେ ସବୁ ସଭ୍ୟ ରାଷ୍ଟ୍ରମାନଙ୍କୁ ମିଳିମିଶି କୋଭିଡ଼ ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହାଫଳରେ ଉଭୟ ସ୍ୱାସ୍ଥ୍ୟ ଓ ଅର୍ଥନୀତି ସୁରକ୍ଷିତ ହୋଇପାରିବ ବୋଲି ସେ କହିଛନ୍ତି । ଦେଶରେ କୋଭିଡ଼ ଲଢ଼େଇରେ ସାମିଲ୍ ହୋଇ ଆଗଦାଡ଼ିରେ ଥିବା ସବୁ କର୍ମଚାରୀଙ୍କୁ ଏହି ଅବସରରେ ସେ ଅଭିନନ୍ଦନ ଜଣାଇ ସେମାନଙ୍କୁ ଈଶ୍ୱରଙ୍କ ସହ ସମାନ ବୋଲି କହିଛନ୍ତି ।


କୋଶଳ ପ୍ରବାହ Live

ଲୋକଙ୍କ ପାଖକୁ ତୁରନ୍ତ ଖବର ପହଂଚିବା ପାଇଁ 'କୋଶଳ ପ୍ରବାହ' ଆରମ୍ଭ କରୁଛି ନୂତନ ପ୍ରୟାସ **'କୋଶଳ ପ୍ରବାହ ଲାଇଭ୍'** । ଏବେ ଆମ ପାଠକ ଓ ଶୁଭେଚ୍ଛୁମାନଙ୍କ ପାଇଁ ନିୟମିତ ଡିଜିଟାଲ୍ ଖବର ପ୍ରଦାନ ନିମନ୍ତେ ଆମେ ପ୍ରସ୍ତୁତି ଜାରି ରଖିଛୁ । ଖବର ଆସିବ ପ୍ରତ୍ୟହ, ତୁରନ୍ତ ! ମାଟିର କଥା, ବ୍ୟଥା ଓ ଘଟଣାର ଘନଘଟା ପହଂଚିବ ଠିକ୍ ଜାଗାରେ, ପାଠକଙ୍କ ପାଖରେ । ତାହାର ଡିଜିଟାଲ ମାଧ୍ୟମ ହେବ **'କୋଶଳ ପ୍ରବାହ ଲାଇଭ୍'** । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗିର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ସ୍ତରର ଖବର ଦେବା ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ :

**ସଂପାଦକ : କୋଶଳ ପ୍ରବାହ**

**ମୋ.ନଂ. : ୯୪୩୭୧୫୧୦୬୨, ୮୨୪୯୧୮୩୭୪୫**

email : koshalaprabaha@gmail.com




# ଭାରିଯାନ ଧକ୍କାରେ ମହିଳା ମୃତ

## ଆଉ କେତେ ଜୀବନ ଗଲେ ନିର୍ମାଣ ହେବ ବଲାଙ୍ଗିର ବାଏପାସ୍ ରାସ୍ତା ?




ବଲାଙ୍ଗିର, (ନିପ୍ର) : ଭାରିଯାନ ଧକ୍କାରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଜଣେ ନିରୀହ ମହିଳାଙ୍କ ପ୍ରାଣହାନୀ ଘଟିଥିବା ବେଳେ ଆଉ କେତେ ଜୀବନ ଗଲେ ବଲାଙ୍ଗିର ବାଏପାସ୍ ରାସ୍ତା ନିର୍ମାଣ ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ସୂଚନାଯୋଗ୍ୟ ଯେ, ବଲାଙ୍ଗିରରେ ଶନିବାର ଓ ରବିବାର ସପ୍ତାହକୁ ଦୁଇ ଦିନ ସଟ୍‌ଡାଉନ୍ ଘୋଷଣା ହୋଇଛି । ଏହି କ୍ରମରେ ଶନିବାର ଦିନ ସଟ୍‌ଡାଉନ୍ ଥିବା ବେଳେ ଦିନ ୧୧ଟା ସମୟରେ ଚନ୍ଦନଭାଟିର ସକି ସାହୁ ନିଜ ସ୍ତ୍ରୀ ରଜନୀ ସାହୁଙ୍କୁ ଚିକିତ୍ସା ପାଇଁ ନିଜ ଦୁଇଚକିଆ ଗାଡ଼ିରେ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ୍‌କୁ ଆଣିଥିଲେ । ଆସିବା ବେଳେ ସ୍ଥାନୀୟ କଚେରୀ ଛକରେ ପଛପଟୁ ଏକ ଭାରିଯାନ ଧକ୍କା ଦେବାରୁ ଅସୁସ୍ଥ ଥିବା ରଜନୀ ଗାଡ଼ିରୁ ପଡ଼ି ଯାଇଥିଲେ । ତେବେ ତାଙ୍କ ଉପରେ ଉକ୍ତ ଟ୍ରକ୍‌ଟି ମାଡ଼ି ଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ସଟ୍‌ଡାଉନ୍ ସମୟରେ ରାସ୍ତା ଖାଲି ଥିବା ବେଳେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିବା, ପୁଣି ତାହା ଆଦର୍ଶ ଟାଉନ୍ ଥାନା ନିକଟରେ ଘଟିବା ବିଷୟକୁ ନେଇ ସାଧାରଣରେ ନାନା ପ୍ରକାର ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି । ସହରର ସମସ୍ତ ଛକରେ ପୁଲିସ ଛାଉଣି ହୋଇଥିବା ସମୟରେ ଟ୍ରକ୍‌ଟି କିପରି ଏତେ କ୍ଷୀପ୍ର ବେଗରେ ଥାନା ସମ୍ମୁଖରେ ଦୁଇଚକିଆ ଯାନକୁ ପଛପଟୁ ଧକ୍କା ଦେଲା, ତାହା ନେଇ ସହରରେ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନରୁ ବଲାଙ୍ଗିର ବାଏପାସ୍ ରାସ୍ତା ନିର୍ମାଣ ପାଇଁ ବଲାଙ୍ଗିରବାସୀ ଦାବୀ କରି ଆସୁଥିଲେ ମଧ୍ୟ ବିଭିନ୍ନ କାରଣରୁ ଆଜି ପର୍ଯ୍ୟନ୍ତ ତାହା ନିର୍ମିତ ହୋଇ ପାରିନାହିଁ । କେତେବେଳେ କେନ୍ଦ୍ର ସରକାର ତ' ଆଉ କେତେବେଳେ ରାଜ୍ୟ ସରକାର ଜଣେ ଆର ଜଣକ ଉପରେ ଦୋଷ ଲଦାଲଦି ହେଉଥିବା ବେଳେ ଦିନକୁ ଦିନ ସହରରେ ନିରୀହଙ୍କ ମୁଣ୍ଡ ଗଡ଼ିବାରେ ଲାଗିଛି । ତଥାପି ମଧ୍ୟ ସରକାର ତଥା ପ୍ରଶାସନର ଚେତା ପଶୁନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିଛନ୍ତି ।

ତେବେ ଯେତେ ଶୀଘ୍ର ବଲାଙ୍ଗିର ବାଏପାସ୍ ନିର୍ମାଣ ହୋଇପାରିବ, ସେତେ ଶୀଘ୍ର ସହରର ଟ୍ରାଫିକ୍ ବୋଝ ଦୂର ହେବା ସହ ଅନେକ ନିରୀହ ଜୀବନ ବଂଚିଯାଇ ପାରିବ ନିଶ୍ଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି ।

# ଅନ୍‌ସେଭ୍ ଘୋଷିତ ଜରାଜୀର୍ଣ୍ଣ ସରକାରୀ ବାସଗୃହରେ ବି ରହୁଛନ୍ତି ଲୋକେ : ପ୍ରଶାସନର ନଜର ନାହିଁ




ବଲାଙ୍ଗିର, (ନିପ୍ର) : ଗାନ୍ଧୀନଗରପଡ଼ା ଏନ୍‌ଏଚ୍ ଅଫିସ୍ ପଛପାଖ ମୁଖ୍ୟରାସ୍ତା କଡ଼ରେ ରହିଥିବା ଅନ୍‌ସେଭ୍ ଘୋଷିତ ଜରାଜୀର୍ଣ୍ଣ ସରକାରୀ ବାସଗୃହରେ ମଧ୍ୟ ଏବେ ରହୁଛନ୍ତି ବେସରକାରୀ ଲୋକେ । ଏଥିପ୍ରତି ଜିଲ୍ଲା ପ୍ରଶାସନର ନଜର୍ ନଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ସଂପୃକ୍ତ ବାସଗୃହକୁ ଦେଖିଲେ ହିଁ ଜଣାପଡୁଛି, ଏହା କେତେଦୂର ବାସପୋଯୋଗୀ ? କୌଣସି ମୁହୂର୍ତ୍ତରେ ଭୁଷୁଡ଼ି ଯାଇପାରେ । କିନ୍ତୁ ତଥାପି ଲୋକେ ଏଠି ରହୁଥିବା ଦେଖିବାକୁ ମିଳୁଛି । କୌଣସି ସମୟରେ ବି ଏକ ଦୁର୍ଘଟଣାର ସମ୍ଭାବନା ରହିଥିବା ସତ୍ତ୍ୱେ ପ୍ରଶାସନର ନଜର ନଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତ ଦିଅନ୍ତି ।

ଜିଲ୍ଲା ଶିକ୍ଷା ବିଭାଗ ଦାୟିତ୍ୱରେ ରହିଥିବା ଏହି ଅନ୍‌ସେଭ୍ ଘୋଷିତ ଗୃହରେ ପୂର୍ବରୁ ସରକାରୀ ଶିକ୍ଷକମାନେ ରହୁଥିଲେ । ଅନ୍‌ସେଭ୍ ଘୋଷଣା ପରେ ସେମାନେ ସମସ୍ତେ ଘର ଛାଡ଼ିବା ପରେ ଅସାଧୁମାନଙ୍କ ହାତ ଚାଲି ଆସିଥିବା ଅଂଚଳବାସୀ ମତାମତ ଦିଅନ୍ତି ।

ନିକଟରେ ଅନ୍‌ସେଭ୍ ଘୋଷିତ ସହର ମଧ୍ୟରେ ଥିବା ସିଏସ୍‌ଓଙ୍କ କାର୍ଯ୍ୟାଳୟ ଏବଂ ଉପ ଜିଲ୍ଲାପାଳଙ୍କ ବାସଗୃହ ଭଂଗା ଯାଇଥିବା ବେଳେ ଅନ୍‌ସେଭ୍ ଘୋଷିତ ଏହି ସରକାରୀ ଗୃହ ଉପରେ କିଭଳି ନଜର ପଡ଼ିଲାନି ପ୍ରଶାସନର ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । କେତେକ ଅସାଧୁ ବ୍ୟକ୍ତି ସଂପୃକ୍ତ ସରକାରୀ ଘରକୁ ଅକ୍ତିଆର୍ କରି ଭଡ଼ାରେ ଲଗାଇଥିବା ଭଳି ଅପ୍ରୀତିକର ଆଲୋଚନା ମଧ୍ୟ ହେଉଛି ।

ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି । କୌଣସି ଦୁର୍ଘଟଣାରେ ନିରୀହଙ୍କ ଧନଜୀବନ ନଷ୍ଟ ନ ହେଉ, ସେଥିପ୍ରତି ପ୍ରଶାସନ ବିଶେଷ ସଜାଗ ରହୁ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି ।

# ପ୍ରତ୍ୟେକ ପ୍ରବାସୀଙ୍କୁ ଯୋଗ୍ୟତା ଭିତ୍ତିରେ କାମ ଦିଆଯାଉ: ନରସିଂହ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବଲାଙ୍ଗିର ବ୍ଲକ ସ୍ଥିତ ଚୁଡାପାଲି ଠାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅନୁସୂଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ନିର୍ମିତ ହୋଇଥିବା ସୁଦୃଶ୍ୟ ତୋରଣ ମାନ୍ୟବର ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା । ପରେ ପରେ ଏସ୍‌ସି ଏସ୍‌ଟି ବିଜ୍ଞାନ (ଯୁକ୍ତ ଦୁଇ) ମହାବିଦ୍ୟାଳୟର ନିର୍ମାଣାଧୀନ କୋଠାର ତଦାରଖ କରିଥିଲେ ବିଧାୟକ । ସେଠାରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଉପସ୍ଥିତିରେ ଭୁଣ୍ଡିମୁହାଣ, ମୟାବରହା, ଚୁଡାପାଲି ଆଦି ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ସମୀକ୍ଷା ମଧ କରାଯାଇଥିଲା । ଚୁଡାପାଲିଠାରେ ବିଧାୟକ ପାଣ୍ଠିରୁ କରୋନା କଟକଣା ଯୋଗୁଁ ପ୍ରଭାବିତ ଟେକ୍ସି ଓ ଅଟୋ ଡ୍ରାଇଭରଙ୍କୁ ବିଧାୟକ ପାଣ୍ଠିରୁ ସାହାଯ୍ୟ ଦିଆଯାଇଥିବାରୁ ସଂଘ ତରଫରୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଚୁଡାପାଲି ଗୋଷ୍ଠୀ ଉନ୍ନୟନ କେନ୍ଦ୍ରର ସମୀକ୍ଷା ବୈଠକ ଡାକ୍ତରଖାନା ପରିସରରେ ଥିବା ସମୀକ୍ଷା କକ୍ଷରେ ଅନୁଷ୍ଠିତ ହୋଇଥିଲା । ସମୀକ୍ଷାରେ ଦେଖାଯାଇଥିଲା ଯେ କୌଣସି ବି ଡାକ୍ତର ନିଜ ହେଡ୍‌କ୍ୱାଟର ସ୍ଥାନରେ ରହୁନାହାନ୍ତି, ତା ସହ ଗତ ତିନି ଚାରି ମାସ ହେଲା କୌଣସି ବି ରୋଗୀ ଡାକ୍ତରଖାନାର ଇନ୍‌ଡୋରରେ ଏଡ୍‌ମିସନ କରାଯାଇ ନାହିଁ । ପ୍ରତ୍ୟେକ ରୋଗୀଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତରିତ କରାଯାଇଛି । ଯାହାକି ବିଧାୟକ ଶ୍ରୀ ମିଶ୍ରଙ୍କୁ କ୍ଷୁବ୍ଧ କରିଛି । ଡାକ୍ତରମାନେ ଡାକ୍ତରଖାନାରେ ନ ରହିବା ତଥା ବର୍ହିବିଭାଗରେ ରୋଗୀ ନ ଦେଖିବା ଯୋଗୁଁ ଧିରେ ଧିରେ ଡାକ୍ତରଖାନା ପ୍ରତି ଲୋକଙ୍କର ବିଶ୍ୱାସ ହଟିଯାଉଥିବାର ଶ୍ରୀ ମିଶ୍ର କହିଥିଲେ ଏବଂ ଏଥିରେ ସୁଧାର ଆଣିବା ପାଇଁ ଉପସ୍ଥିତ ମେଡିକାଲ ଅଧିକାରୀଙ୍କୁ ତାଗିଦ୍ କରିବା ସହ ହସ୍‌ପିଟାଲରେ ସରକାରୀ ଔଷଧ ଠିକ୍ ପରିମାଣରେ ଆସୁଛି କି ନାହିଁ ତାର ତଦାରଖ କରିଥିଲେ । ପରେ ପଞ୍ଚାୟତ ପରିସରରେ ପ୍ରବାସୀ ଶ୍ରମିକମାନେ ଯେଉଁମାନେ ସଂଗରୋଧରେ ଥିଲେ ସେମାନଙ୍କ ସମୟସୀମା ସରିବା ପରେ ୨୦୦୦ଟଙ୍କା ଲେଖାଏଁ ର ଆର୍ଥିକ ସାହାଯ୍ୟ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ ବିଧାୟକ ଶ୍ରୀ ମିଶ୍ର ଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଉପସ୍ଥିତ ଥିବା ପ୍ରବାସୀ ଶ୍ରମିକମାନେ ସରକାର ଘୋଷଣା କରିଥିବା ମୁତାବକ କାମ ପାଉନଥିବା ଅଭିଯୋଗ କରିଥିଲେ । ଏହାକୁ ନେଇ ଶ୍ରୀ ମିଶ୍ର ତୁରନ୍ତ ବିଡିଓଙ୍କୁ ପଂଚାୟତ ଓ୍ୱାରି ପ୍ରତ୍ୟେକ ପ୍ରବାସୀ ଶ୍ରମିକମାନଙ୍କୁ ତାଙ୍କର ଯୋଗ୍ୟତା ମୁତାବକ କାମ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେବା ସହ ଏହା ସବିଶେଷ ବିବରଣୀ ନିୟମିତ ପ୍ରଦାନ କରିବାକୁ ଉପସ୍ଥିତ ବ୍ଲକ ଅଧିକାରୀମାନଙ୍କୁ କହିଥିଲେ ଏବଂ ପରେ ଯେମିତି କୌଣସି ପ୍ରବାସୀ ଶ୍ରମିକ କାମ ନ ପାଇବାର ଅଭିଯୋଗ କରିବ ନାହିଁ ସେ ଉପରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ବିଧାୟକଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ମାନଙ୍କରେ ଚେୟାରମେନ ଗୋଲାପ ବାଗ, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର,ବଲାଙ୍ଗିର ବ୍ଲକ ଉନ୍ନୟନ ଅଧିକାରୀ ବାସୁଦେବ ମହାପାତ୍ର , ବିଇଓ ରିଚପାଲ ସାଗର, ଚୁଡାପାଲି ସରପଞ୍ଚ ଘାସିରାମ ବେହେରା, ଲୋକନାଥ କୁମୁରା, ଶରତ କୁମାର ନନ୍ଦ, ରାଧାକାନ୍ତ ଭୋଇ, ସୁବାଷ କୁମାର ନନ୍ଦ, ନିରଞ୍ଜନ ମିଶ୍ର, ହୃଷିକେଶ କୁମୁରା, ଚଂକମଣୀ କାଲସେ, ଜୟକୃଷ୍ଣ ମିଶ୍ର, ଗୌରହରି ଦାସ ଏବଂ ଚୁଡାପାଲି ଡାକ୍ତରଖାନାର ମେଡିକାଲ ଅଫିସର ତଥା ରୋଗୀ କଲ୍ୟାଣ ସମିତିର ସଭ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।






Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu